୬ ଆୟର୍ଲାଣ୍ଡକୁ ୪ ୱିକେଟରେ ହରାଇଲା ଭାରତ

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

e-paper www.sambadkalika.in

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୩୪୩ ● ୧୧ ଜାନୁଆରୀ ୨୦୨୫, ଶନିବାର ● ଭୁବନେଶ୍ୱର ● Vol -31 ● Issue-343 ● 11th January 2025, Saturday ● Bhubaneswar | Licensed to post without pre-payment of postage No- BN-60/25-27



# ବିକଶିତ ଭାରତ ନିର୍ମାଣରେ ପ୍ରବାସୀ ଭାରତୀୟଙ୍କ ସହଯୋଗ ଜରୁରୀ

ଭୁବନେଶ୍ୱର, ୧୦।୧

ନ୍ୟୁଜ୍ ବ୍ୟୁରୋ

ପ୍ରବାସୀ ଭାରତୀୟମାନେ ସମଗ୍ର ବିଶ୍ୱରେ ମାନ ଟେକ ରଖିଛନ୍ତି। ସେମାନେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଦେଖାଇ ପ୍ରତିଷ୍ଠା ପାଇପାରିଛନ୍ତି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ପ୍ରବାସୀ ଭାରତୀୟ ଦିବସ ବର୍ଷ ବର୍ଷ ଧରି କେବଳ ଏକ କାର୍ଯ୍ୟକ୍ରମରେ ସୀମିତ ହୋଇ ରହିନାହିଁ ବରଂ ଏଭଳି ଏକ ମଞ୍ଚରେ ପରିଣତ ହୋଇଛି ଯେଉଁଠାରେ ଭାରତ ଓ ଏହାର ପ୍ରବାସୀଙ୍କ ମଧ୍ୟରେ ବନ୍ଧନ ସୁଦୃଢ଼ ହୋଇଛି।



ତିନିଦିନିଆ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ ଦିବସ ଯୋଗଦେଇ ରାଷ୍ଟ୍ରପତି ବିଦେଶରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ୨୭ ଜଣ ପ୍ରବାସୀ ଭାରତୀୟଙ୍କୁ 'ପ୍ରବାସୀ ଭାରତୀୟ ସମ୍ମାନ' ପ୍ରଦାନ କରିଥିଲେ।

ଏହି ଅବସରରେ ଉଦ୍‌ଯାପନୀ ଅଭିଭାଷଣ ପ୍ରଦାନ କରି ରାଷ୍ଟ୍ରପତି କହିଥିଲେ ଯେ, ଯେତେବେଳେ ଆମେ ଆମ ପ୍ରବାସୀ ଭାରତୀୟ ପରିବାରର ସଫଳତାକୁ ପାଳନ କରୁଛୁ, ଆସନ୍ତୁ ଆମେ ମଧ୍ୟ ଆଶା ଏବଂ ସଂକଳ୍ପ ସହିତ ଭବିଷ୍ୟତକୁ ଅପେକ୍ଷା କରିବା। ଆମେ ମିଳିମିଶି ଏକ ବିକଶିତ ଭାରତ ଗଠନ କରିପାରିବା, ଏକ ରାଷ୍ଟ୍ର ଯାହା ବିଶ୍ୱ ସ୍ତରରେ ଶୀର୍ଷରେ ରହିଛି ଏବଂ ବିଶ୍ୱ ପାଇଁ ଆଲୋକ ବର୍ତ୍ତିକା ପାଲଟିଛି।

ଶ୍ରୀମତୀ ମୁର୍ମୁ କହିଛନ୍ତି, ବିକଶିତ ଭାରତ ପାଇଁ ଆମର ଦୃଷ୍ଟିକୋଣ ବିଶ୍ୱ ମଞ୍ଚରେ ଆମର ବୃଦ୍ଧି ପାଉଥିବା ସଫଳତା ସହିତ ଯୋଡ଼ି ହୋଇଛି, ବିଶେଷକରି ଗ୍ଲୋବାଲ ସାଉଥ ପାଇଁ ଏକ ଅଗ୍ରଣୀ ସ୍ୱର ଭାବରେ ଉଭା ହୋଇଛି। ସେ କହିଥିଲେ, ଆମ ଦେଶ ଆଜି ୨୦୪୭ ସୁଦ୍ଧା ବିକଶିତ ଭାରତ ଆଡକୁ ଅଗ୍ରସର ହେଉଛି। ଏହି ଦୃଷ୍ଟିକୋଣ କେବଳ ଏକ ସରକାରୀ ପଦକ୍ଷେପ ନୁହେଁ, ଏହା ଏକ ଜାତୀୟ ମିଶନ। ଯେଉଁଥିରେ ବିଦେଶରେ ରହୁଥିବା ବ୍ୟକ୍ତିଙ୍କ ସମେତ ପ୍ରତ୍ୟେକ ଭାରତୀୟଙ୍କ ସକ୍ରିୟ ଏବଂ ଉତ୍ସାହଜନକ ଅଂଶଗ୍ରହଣ ଆବଶ୍ୟକ।

ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଥିଲେ, ଆପଣମାନଙ୍କ ପାଇଁ କେବଳ ଭାରତବାସୀ ଗର୍ବିତ ନୁହଁନ୍ତି ବରଂ (ପୃଷ୍ଠା ୭ରେ)

# ମୋଦିଙ୍କ ପୋଡକାଷ୍ଟ ଡେବ୍ୟୁ : କହିଲେ- ମୁଁ ମଣିଷ, ଭଗବାନ ନୁହେଁ

ନୂଆଦିଲ୍ଲୀ, ୧୦।୧

ପୋଡକାଷ୍ଟରେ ଡେବ୍ୟୁ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଜେରୋଧା ସହ ପ୍ରତିଷ୍ଠାତା ନିଲ କମାତଙ୍କ ପିପୁଲ ବାଇ ଡବ୍ଲୁଟିଏଫ୍ ସିରିଜ୍‌ରେ ପ୍ରଥମଥର ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଦେଖିବାକୁ ମିଳିଛି। ୨ ଘଣ୍ଟାରୁ ଅଧିକ ସମୟ ଧରି ମୋଦି ପୋଡକାଷ୍ଟରେ ବସି ଅନେକ କଥା କହିଛନ୍ତି।



ମୋଦି କହିଛନ୍ତି–ଭୁଲ ହୁଏ, ମୁଁ ମଧ୍ୟ କିଛି ଭୁଲ କରିପାରେ। ମୁଁ ଜଣେ ମଣିଷ, ଭଗବାନ ନୁହେଁ। ଜେରୋଧାର ସହ ପ୍ରତିଷ୍ଠା ନିଜର ଭାବନା ଓ ଭାଷା ଗତ ଜ୍ଞାନ ସମ୍ପର୍କରେ ପୋଡକାଷ୍ଟରେ ମତ ରଖିଛନ୍ତି । ସେ ଗୋଟିଏ ସମୟରେ ଥଟ୍ଟାମଜାରେ ନିଜର ଖରାପ ହିନ୍ଦୀ କଥା କହିଛନ୍ତି।

ନିଲ ପ୍ରଧାନମନ୍ତ୍ରୀ ମୋଦିଙ୍କୁ କହିଛନ୍ତି, ସାର, ଯଦି ମୋର ହିନ୍ଦୀ ଭଲ ଲାଗିବନି, ମୋତେ ଦୟା କରି କ୍ଷମା କରିଦେବେ। ମୁଁ ଜଣେ ଦକ୍ଷିଣ ଭାରତୀୟ। ମୁଁ ବେଙ୍ଗାଲୁରୁରେ ବଢ଼ିଛି । ମୋ ମା'ଙ୍କ ସହର ହେଉଛି ମହୀଶୂର । ଏଠାରେ ଲୋକମାନେ କନ୍ନଡରେ କଥା ହୁଅନ୍ତି । ମୋ ବାପା ମାଙ୍ଗାଲୁରୁ ପାଖର ମୁଁ ସ୍କୁଲରେ ଯେତିକି ହିନ୍ଦୀ ଶିଖିଛି ହିନ୍ଦୀ ଉପରେ ମୋର ସେତେଟା ଦକ୍ଷତା ନାହିଁ।

ଏକଥା ଶୁଣି ପ୍ରଧାନମନ୍ତ୍ରୀ କହିଛନ୍ତି, ଆମ ଦୁଇ ଜଣଙ୍କର ଏମିତି ହିଁ ଚାଲିବ । ମୁଁ ଆପଣଙ୍କ ସାମ୍ନାରେ ବସିଛି ଓ କଥା ହେଉଛି। ମୋତେ ନର୍ଭସ ଲାଗୁଛି ଏହା ମୋ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ କଥାବାର୍ତ୍ତା। ଏହା ମୋର ପ୍ରଥମ ପୋଡକାଷ୍ଟ। ଏହା ଆପଣଙ୍କ ଦର୍ଶକମାନଙ୍କ ପାଖକୁ କେମିତି ଯିବ, ସେକଥା ମୁଁ ଜାଣିପାରୁନି।

୨ ଘଣ୍ଟାର ପୋଡକାଷ୍ଟରେ ପ୍ରଧାନମନ୍ତ୍ରୀ ନିଜର ପିଲା ବେଳ ଠାରୁ ଆରମ୍ଭ କରି ସଂଘର୍ଷ ଓ ସରକାର ଚଳାଇବାର କୌଶଳ ସମ୍ପର୍କରେ ମତ ରଖିଛନ୍ତି । ମୋଦି କହିଛନ୍ତି, ମୋ ପରିବାରର ସବୁ ସଦସ୍ୟଙ୍କ କପଡ଼ାକୁ ମୋତେ ସଫା କରିବାକୁ ପଡ଼େ। କାରଣ କପଡା ସଫା କରିବା ଦ୍ୱାରା ମୋତେ ପୋଖରୀକୁ ଯିବାକୁ ଅନୁମତି ମିଳୁଥିଲା। ଯେତେବେଳେ ମୁଁ ମୁଖ୍ୟମନ୍ତ୍ରୀ ହୋଇଥିଲି ସେତେବେଳେ ମୋ (ପୃଷ୍ଠା ୭ରେ)

## ଅବିଭକ୍ତ ଭାରତ କାର୍ଯ୍ୟକ୍ରମ ପାଇଁ ପାକିସ୍ତାନ ଓ ବାଂଲାଦେଶକୁ ନିମନ୍ତ୍ରଣ



ନୂଆଦିଲ୍ଲୀ, ୧୦।୧

ଭାରତୀୟ ପାଣିପାଗ ବିଭାଗର ୧୫୦ତମ ପ୍ରତିଷ୍ଠା ଉପଲକ୍ଷେ ଆୟୋଜନ ହେବାକୁ ଯାଉଛି ଅବିଭକ୍ତ ଭାରତ ନାଁରେ ଗୋଟିଏ ସେମିନାର। ଏହି କାର୍ଯ୍ୟକ୍ରମରେ ଭାଗ ନେବାକୁ ଭାରତ ପକ୍ଷରୁ ପାକିସ୍ତାନ ଓ ବାଂଲାଦେଶ ସମେତ ଅନ୍ୟ ପଡୋଶୀମାନଙ୍କୁ ନିମନ୍ତ୍ରଣ କରାଯାଇଛି । ପ୍ରଥମଥର ପାଇଁ ଭାରତ ସରକାର ସବୁ କିଛି ବିବାଦକୁ ଭୁଲି ଏଭଳି ଏକ ପଦକ୍ଷେପ ନେଇଛନ୍ତି।

ଅବିଭକ୍ତ ଭାରତ ସେମିନାର କାର୍ଯ୍ୟକ୍ରମରେ ଯୋଗଦେବାକୁ ଭାରତ ପକ୍ଷରୁ, ପାକିସ୍ତାନ, ବାଂଲାଦେଶ, ଭୁଟାନ, ଆଫଗାନିସ୍ତାନ, ମିଆଁମାର, ମାଳଦ୍ୱୀପ, ଶ୍ରୀଲଙ୍କା ଓ ନେପାଳକୁ ଡକାଯାଇଛି। ଏହି ଦେଶଗୁଡ଼ିକ ବ୍ୟତୀତ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ମଧ୍ୟପ୍ରାଚ୍ୟ, କେନ୍ଦ୍ରୀୟ ଓ ଦକ୍ଷିଣପଶ୍ଚିମ ଏସିଆର ଅଧିକାରୀମାନଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଛି।

ଭାରତର ନିମନ୍ତ୍ରଣ ପରେ ପାକିସ୍ତାନ କାର୍ଯ୍ୟକ୍ରମରେ ଯୋଗଦେବ ବୋଲି ନିଶ୍ଚିତ କରିଛି। କିନ୍ତୁ ବାଂଲାଦେଶର ଅନ୍ତରୀଣ ସରକାର ଅବିଭକ୍ତ ଭାରତ କାର୍ଯ୍ୟକ୍ରମକୁ ନେଇ କୌଣସି (ପୃଷ୍ଠା ୭ରେ)

TATA MOTORS

Light Commercial Vehicles Dealers

24 hours help line :

Sales : 7873770000

# ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ସଫଳ ଓ ସକାରାତ୍ମକ ସାବ୍ୟସ୍ତ ହୋଇଛି

ଭୁବନେଶ୍ୱର, ୧୦।୧

ନ୍ୟୁଜ୍ ବ୍ୟୁରୋ

ଭାରତ ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ୧୮ତମ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ସଫଳତାର ସହ ଶେଷ ହୋଇଛି। ବିଶ୍ୱର କୋଣଅନୁକୋଣରୁ ବିଶେଷକରି ମାଲଏସିଆ, କର୍ତ୍ତାର, ଜାପାନ, ଦକ୍ଷିଣ-ପୂର୍ବ ଏସିଆ, ୟୁକେ, ୟୁଏସ୍ଏ, ଜର୍ମାନୀ, ରୋମାନିଆ ଆଦି ଦେଶମାନଙ୍କରୁ ଏହି ତିନିଦିନିଆ ସମ୍ମିଳନୀରେ ଯୋଗଦେଇଥିବା ପ୍ରବାସୀ ଭାରତୀୟ ବିକଶିତ ଭାରତ ଓ ପୂର୍ବୋଦୟର ବିକାଶ ପାଇଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ହୋଇଥିବା ଆଲୋଚନାରେ ଭାଗ ନେଇଥିଲା ବେଳେ ପ୍ରଧାନମନ୍ତ୍ରୀ, କେନ୍ଦ୍ର ବୈଦେଶିକ ବ୍ୟାପାରମନ୍ତ୍ରୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ପ୍ରେରଣାଦାୟୀ ଅଭିଭାଷଣରେ ଉଦ୍‌ବୁଦ୍ଧ ହୋଇଛନ୍ତି। ସାମଗ୍ରୀକ ଭାବେ ପ୍ରବାସୀ ଭାରତୀୟମାନେ ଓଡ଼ିଶା ଓ ଭୁବନେଶ୍ୱରବାସୀଙ୍କ ଭଲ ପାଇବା ଓ ଆତିଥେୟତାରେ ବିଭୋର ହୋଇଛନ୍ତି ଏବଂ ଏହି ସମ୍ମିଳନୀରେ ଯୋଗଦେଇ ଅନେକ ସୁଖଦ ଓ ସ୍ମରଣୀୟ ଅନୁଭୂତି ସାଉଁଟିଛନ୍ତି। ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ସଫଳ ଓ ସକାରାତ୍ମକ ସାବ୍ୟସ୍ତ ହୋଇଛି ବୋଲି କେନ୍ଦ୍ର ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସଚିବ ଡ. ଅରୁଣ ଚାଟାର୍ଜୀ ପ୍ରକାଶ କରିଛନ୍ତି।




ତିନିଦିନିଆ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ଉଦ୍‌ଯାପନୀ ଅବସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡ. ଚାଟାର୍ଜୀ ଏହି ସୂଚନା ଦେବାସହ କହିଥିଲେ ଯେ, ଥ୍ରି-ଟି ଟ୍ରେଡ୍ ଟେକ୍ନୋଲୋଜି ଓ ଟୁରିଜିମ୍ ଉପରେ ସମ୍ମିଳନୀରେ (ପୃଷ୍ଠା ୭ରେ)

## ଟ୍ରମ୍ପଙ୍କ ଶପଥଗ୍ରହଣ ଉତ୍ସବକୁ ଜିନପିଙ୍ଗଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରଣ

# ହେଲେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ କାହିଁକି ନୁହେଁ ?

ନୂଆଦିଲ୍ଲୀ, ୧୦।୧

ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ଆମେରିକାର ରାଷ୍ଟ୍ରପତି ଭାବରେ ଜାନୁଆରୀ ୨୦ରେ ଶପଥ ନେବେ। ଟ୍ରମ୍ପ ତାଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବା ପାଇଁ ଚାଇନା ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସମେତ ଅନେକ ବିଶ୍ୱ ନେତାଙ୍କୁ ନିମନ୍ତ୍ରଣ କରିଛନ୍ତି । ହେଲେ ଏହି ତାଲିକାରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାମ ନାହିଁ, ଯାହାକୁ ନେଇ ରାଜନୈତିକ ଏବଂ କୂଟନୈତିକ ମହଲରେ ଆଲୋଚନା ଜୋର ଧରିଛି।



ଗତ ବର୍ଷ ସେପ୍ଟେମ୍ବରରେ, ଡୋନାଲ୍ଡ ଟ୍ରମ୍ପ ଏବଂ କମଳା ହାରିସ ଯେତେବେଳେ ଆମେରିକାର ରାଷ୍ଟ୍ରପତି ନିର୍ବାଚନ ଦୌଡ଼ରେ ମୁହାଁମୁହିଁ ହୋଇଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମିଳିତ ଜାତିସଂଘ ସାଧାରଣ ପରିଷଦରେ ଯୋଗଦେବା ପାଇଁ ନ୍ୟୁୟର୍କ ଯାଇଥିଲେ। ସେହି ସମୟରେ ଟ୍ରମ୍ପ ଏକ ଖବରଦାତା ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଟ୍ରମ୍ପ ବିଶ୍ୱାସ କରୁଥିଲେ ଯେ ମୋଦିଙ୍କ ସହ ଏକ ଉଚ୍ଚସ୍ତରୀୟ ସାକ୍ଷାତ ତାଙ୍କର ନିର୍ବାଚନୀ ଭାବମୂର୍ତ୍ତିକୁ ସୁଦୃଢ଼ (ପୃଷ୍ଠା ୭ରେ)

# ତେଲେଙ୍ଗାନାରେ ମର୍ମନ୍ତୁଦ ବସ୍ ଦୁର୍ଘଟଣା ଚାଲିଗଲା ୪ ଓଡ଼ିଆଙ୍କ ଜୀବନ

ଭୁବନେଶ୍ୱର, ୧୦।୧

ନ୍ୟୁଜ୍ ବ୍ୟୁରୋ

ତେଲେଙ୍ଗାନା ରାଜ୍ୟ ସୂର୍ଯ୍ୟାପେଟ ଜିଲ୍ଲା ଇଲାପୁରମ ଗ୍ରାମ ନିକଟ ମୁଖ୍ୟ ରାସ୍ତା କଡରେ ଓଡ଼ିଶାର ଧର୍ମଗଡରୁ ହାଇଦ୍ରାବାଦ ଅଭିମୁଖେ ଯାଉଥିବା ଗୁପ୍ତା ନାମକ ଏକ ଘରୋଇ ବସ ଗୁରୁବାର ମଧ୍ୟ ରାତ୍ରରେ ଦୁର୍ଘଟଣା ଗ୍ରସ୍ତ ହୋଇ ୪ ଜଣ ଶ୍ରମିକ ଓ ଜଣେ ବସ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦ ଆହତ ହୋଇଛନ୍ତି।

ମୃତକଙ୍କ ମଧ୍ୟରେ କୋରାପୁଟ ଜିଲ୍ଲା କାମତା ଗ୍ରାମର ରୁପୁ ହରିଜନ (୫୧), ସୁଲୁ ହରିଜନ (୪୬), ସୁନାମଣି ହରିଜନ (୬୧), ନବରଙ୍ଗପୁର ଜିଲ୍ଲା ହାତୀଗୁଡା ଗ୍ରାମର ପ୍ରତ୍ୟୁଷ ପ୍ରଭାତ ହରିଜନ (୧୭) ଓ ନବରଙ୍ଗପୁର ଜିଲା ତୁମ୍ବାର୍ଲା। ଅଞ୍ଚଳ ଲହରିକାନୀ ଗ୍ରାମର ସୁନିଲ ଗରଡା (୩୭) ବସ ଡ୍ରାଇଭର ଅଛନ୍ତି। ପୋଲିସ ଓ ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ପହଞ୍ଚି ଅନ୍ୟ ଯାତ୍ରୀମାନଙ୍କୁ ଉଦ୍ଧାର କରିବା ସହ ଆହତମାନଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲେ । ତେଲେଙ୍ଗାନା ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବ ବୋଲି ସୂଚନା ମିଳିଛି।

ସୂଚନାଯୋଗ୍ୟ, କଳାହାଣ୍ଡି ଜିଲ୍ଲା ଧର୍ମଗଡ ସିନାପାଲୀରୁ ନବରଙ୍ଗପୁର, ଜୟପୁର ଓ ମାଲକାନଗିରି ଦେଇ ହାଇଦ୍ରାବାଦ ଅଭିମୁଖେ ଗୁପ୍ତା ନାମକ ଏକ ଘରୋଇ ବସ ଯାଉଥିବା ସମୟରେ ଗୁରୁବାର ମଧ୍ୟରାତ୍ରରେ ତେଲେଙ୍ଗାନା ସୂର୍ଯ୍ୟାପେଟ ଜିଲା ଇଲାପୁରମ ଗ୍ରାମ ନିକଟ ମୁଖ୍ୟ ରାସ୍ତା କଡରେ ଠିଆ ହୋଇଥିବା ଏକ ଟ୍ରକ ପଛରେ ଭାରସାମ୍ୟ ହରାଇ ପିଟି (ପୃଷ୍ଠା ୭ରେ)

# ନାରୀ ଶକ୍ତି – ଏକ ଉଲେକ୍ଟ୍ ସାଇନ୍ସ ନୁହେଁ, ଏହା ଆମ ବିଶ୍ୱାସ ଓ ଅନ୍ତର୍ନିହିତ ସ୍ୱଭାବ

ଭୁବନେଶ୍ୱର, ୧୦।୧

ନ୍ୟୁଜ୍ ବ୍ୟୁରୋ

ଅଷ୍ଟାଦଶ ପ୍ରବାସୀ ଭାରତୀୟ ସମ୍ମିଳନୀର ଅନ୍ତିମ ଦିବସ "ଆଦର୍ଶ ମହିଳା ପ୍ରବାସୀ:ମହିଳାଙ୍କ ନେତୃତ୍ୱ ଓ ପ୍ରଭାବ – ନାରୀ ଶକ୍ତି" ପ୍ରସଙ୍ଗ ଆଧାରିତ ପୂର୍ଣ୍ଣାଙ୍ଗ ଅଧିବେଶନରୁ ପ୍ରାରମ୍ଭ ହୋଇଥିଲା । ଏହି ଅଧିବେଶନରେ ଅଧ୍ୟକ୍ଷତା କରି କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡ. ଏସ୍. ଜୟଶଙ୍କର ବିକଶିତ ଭାରତ ନିର୍ମାଣରେ ନାରୀ ଶକ୍ତିର ମହତ୍ତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ନାରୀ ପୁରୁଷ ଲିଙ୍ଗଗତ ବିବିଧତାକୁ ଆଧାରକୁ ନ ନେଇ ବିଭିନ୍ନ କ୍ଷେତ୍ରରେ ଦକ୍ଷତାକୁ ଗୁରୁତ୍ୱ ଦେବା ଉପରେ ଏହି ଆଲୋଚନା ଚକ୍ରରେ ଗୁରୁତ୍ୱ ଦିଆଯାଇଥିଲା ।



କେନ୍ଦ୍ର ମନ୍ତ୍ରୀ ଡ. ଏସ୍. ଜୟଶଙ୍କର କହିଥିଲେ ଯେ, ମହିଳାମାନଙ୍କ ପୁଷ୍ଟି, ସ୍ୱାସ୍ଥ୍ୟ, ଶିକ୍ଷା ସୁନିଶ୍ଚିତ କରିବା ସହ ସାମାଜିକ ବୈଷମ୍ୟ ଦୂର କରି ସେମାନଙ୍କ ଦକ୍ଷତାକୁ ଉଚିତ ସମ୍ମାନ ଜଣାଇବା ନିମନ୍ତେ ସରକାର ପ୍ରତିଶ୍ରୁତିବଦ୍ଧ । ଭାରତ ସରକାରଙ୍କ ମହିଳା ସଶକ୍ତିକରଣ ଉପରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ମାତୃତ୍ୱ କାଳୀନ ଛୁଟି ଅବଧିକୁ ୨୬ ସପ୍ତାହକୁ ବୃଦ୍ଧି, ମୁଦ୍ରା ଯୋଜନାରେ ୩୦ କୋଟି ମହିଳା ଉଦ୍ୟୋଗୀଙ୍କୁ ଋଣ, ଉଚ୍ଚଶିକ୍ଷା କ୍ଷେତ୍ରରେ ମହିଳାଙ୍କ ସଂଖ୍ୟାରେ ୨୮% ବୃଦ୍ଧି, ସୁକନ୍ୟା ସମୃଦ୍ଧି ଯୋଜନାରେ ୩୨ ନିୟୁତ ବ୍ୟାଙ୍କ ଖାତା ଖୋଲାଯାଇଛି । ସେହିପରି ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା (ପୃଷ୍ଠା ୭ରେ)

## ଆଉ କିଛି ଦିନ ପରେ ଆଳୁ ଦର କମିଯିବ: ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

ଭୁବନେଶ୍ୱର, ୧୦।୧

ନ୍ୟୁଜ୍ ବ୍ୟୁରୋ

ଅପେକ୍ଷା କରନ୍ତୁ ଆଉ କିଛି ଦିନର ବ୍ୟବଧାନ ପରେ ଆଳୁ ଦର କମିଯିବ। ଏହା କହିଛନ୍ତି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ସେ କହିଛନ୍ତି, ପଶ୍ଚିମବଙ୍ଗରୁ ପର୍ଯ୍ୟାପ୍ତ ଆଳୁ ନ ଆସିବାରୁ ରାଜ୍ୟରେ ଆଳୁ ଦର ବୃଦ୍ଧି ପାଉଛି। କାହିଁକି ପଶ୍ଚିମବଙ୍ଗରୁ ଆସୁନାହିଁ ଆଳୁ? ଆଉ କେବେ ଆଳୁ ଦର ନିୟନ୍ତ୍ରଣକୁ ଆସିବ ସେ ନେଇ ପ୍ରତିକ୍ରିୟା ରଖିଛନ୍ତି ଯୋଗାଣ ମନ୍ତ୍ରୀ। ସେ କହିଛନ୍ତି, ପଶ୍ଚିମବଙ୍ଗ ଓ ଓଡ଼ିଶା ଭିତରେ କିଛି ଟକରାଟକରି ନାହିଁ। ଆଳୁ ଯୋଗାଣ ନେଇ ସେମାନଙ୍କ ସହ ଫାଇଟ କରିବାକୁ ଚାହୁଁନୁ । ପଶ୍ଚିମବଙ୍ଗ ସରକାର ତାଙ୍କ ପଲିସି ଅନୁସାରେ କାମ କରୁଛନ୍ତି । ଆମେ ଆମ ପଲିସି ତିଆରି କରିବୁ। ଆଳୁରେ ସ୍ୱୟଂସମ୍ପୂର୍ଣ୍ଣ ହେବ ଓଡ଼ିଶା ଆଳୁ ପାଇଁ କାହା ପାଖରେ ହାତ ପତାଇବାକୁ ଚାହୁଁନାହୁଁ ।

## ଏକାଳ ସକାଳ




କହିଦେଲେ କୁଳକୁଟୁମ୍ବଙ୍କୁ ଲାଜ
ନକହିଲେ କୁଳ ଭାସେ
ଚାଷୀ ଭାଗ୍ୟେ ନିଇତି ଦୁଃଖ
ଦୁଃର୍ଭାଗ୍ୟ ଯେମିତି ହସେ
ନେତା ବାକ୍ୟ ବାଣ ବର୍ଷେ
ମଣ୍ଡି ମୁଣ୍ଡ ଗଣ୍ଡି କାଟି ଦେବାଭଳି ଲାଗେ
କଟ୍‌ନି ଛଟନି ନାଶେ।

# ସମଲିଙ୍ଗୀ ବିବାହ: ବଡ଼ ନିଷ୍ପତ୍ତି ନେଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୦।୧

ଭାରତରେ ସମଲିଙ୍ଗୀ ବିବାହକୁ ଆଇନ ମାନ୍ୟତା ଦେବା ପାଇଁ ହୋଇଥିବା ଆବେଦନ ଉପରେ ବଡ଼ ନିଷ୍ପତ୍ତି ନେଇଛନ୍ତି ସୁପ୍ରିମକୋର୍ଟ। ପୂର୍ବରୁ ସମଲିଙ୍ଗୀ ବିବାହକୁ ଆଇନଗତ ମାନ୍ୟତା ଦେବାକୁ ମନା କରି ଦେଇଥିଲେ। ଏହାକୁ ପୁନଃ ସମୀକ୍ଷା କରିବାକୁ ହୋଇଥିବା ଏକାଧିକ ଆବେଦନକୁ ମଧ୍ୟ ଆଜି ସର୍ବୋଚ୍ଚ ଅଦାଲତ ଅଗ୍ରାହ୍ୟ କରିଦେଇଛନ୍ତି। ସମଲିଙ୍ଗୀ ବିବାହକୁ ଆଇନଗତ ମାନ୍ୟତା ଦେବାକୁ ୨୦୨୩ରେ ସର୍ବୋଚ୍ଚ ନ୍ୟାୟାଳୟ ସଫା ସଫା ମନା କରିଦେଇଥିଲେ।

ସେହି ସମୟରେ ସୁପ୍ରିମକୋର୍ଟ ଐତିହାସିକ ରାୟରେ କହିଥିଲେ ଯେ ସମଲିଙ୍ଗୀ ବିବାହକୁ ଆଇନଗତ ମାନ୍ୟତା ଦେବାକୁ ସମ୍ବିଧାନରେ କୌଣସି ବ୍ୟବସ୍ଥା ନାହିଁ। ଶୁକ୍ରବାର ସର୍ବୋଚ୍ଚ ଅଦାଲତ ପୁରୁଣା କଥାକୁ ଦୋହରାଇବା ସହ ପୂର୍ବ ରାୟରେ କୌଣସି ତ୍ରୁଟି ନଥିବା କହିଛନ୍ତି।

ପୂର୍ବ ରାୟରେ ଦିଆଯାଇଥିବା ମତ ଆଇନ ଆଧାରରେ କରାଯାଇଥିଲା। ତେଣୁ ଆଉ ସେଥିରେ ହସ୍ତକ୍ଷେପ କରିବାର କୌଣସି କାରଣ ନାହିଁ । ଏହାର ଅର୍ଥ ରାୟକୁ ସୀମକ୍ଷା କରିବା ପାଇଁ ହୋଇଥିବା ସମସ୍ତ ରିଭ୍ୟୁ ପିଟିସନକୁ ଖାରଜ କରାଯାଉଛି।

ଶୁକ୍ରବାର ଜଷ୍ଟିସ (ପୃଷ୍ଠା ୭ରେ)

# ବିବାହ ବିଚ୍ଛେଦ ମାମଲାକୁ ନେଇ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

ଭୁବନେଶ୍ୱର, ୧୦।୧

ନ୍ୟୁଜ୍ ବ୍ୟୁରୋ

ବିବାହ ବିଚ୍ଛେଦ ମାମଲାରେ ହାଇକୋର୍ଟ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି । କୋର୍ଟ କହିଛନ୍ତି, ମାମଲା ବିଚାରାଧୀନ ଥିବାବେଳେ ଜଣେ ଏକପାଖିଆ ସମ୍ମତି ପ୍ରତ୍ୟାହାର କରିପାରିବେ। ରାୟ ପୂର୍ବରୁ ଦମ୍ପତିଙ୍କ ମଧ୍ୟରୁ ଜଣେ ଏକପାଖିଆ ସମ୍ମତି ପ୍ରତ୍ୟାହାର କରିପାରିବେ।

ବାଲେଶ୍ୱର ପରିବାର ଅଦାଲତଙ୍କ ରାୟକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ରାୟ ସଂରକ୍ଷିତ ବେଳେ ସ୍ତ୍ରୀ ସମ୍ମତି ପ୍ରତ୍ୟାହାର ପାଇଁ ଆବେଦନ କରିଥିଲେ।



ରାୟ ପ୍ରକାଶର ୪ ଦିନ ପୂର୍ବରୁ ସ୍ତ୍ରୀ ସମ୍ମତି ପ୍ରତ୍ୟାହାର କରିଥିଲେ। ତେବେ ବିବାହ ବିଚ୍ଛେଦ ପାଇଁ ଅନୁମତି ଦେଇଥିଲେ ବାଲେଶ୍ୱର ଫ୍ୟାମିଲି କୋର୍ଟ।

ଏହି ଆଦେଶକୁ ଚ୍ୟାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ (ପୃଷ୍ଠା ୭ରେ)



# ‘ପ୍ରବାସୀ ଭାରତୀୟଙ୍କ ସହାୟତାରେ ଓଡ଼ିଶାର ପ୍ରଗତି ଆବଶ୍ୟମ୍ଭାବୀ’

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**



ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ପ୍ରବାସୀ ଭାରତୀୟ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ଜଗତସିଂହପୁର ଅମରେନ୍ଦ୍ର ଦାସ କହିଲେ ଯେ, ପ୍ରବାସୀ ଭାରତୀୟ ମାନେ ଓଡ଼ିଶାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଶାର ଅସ୍ମିତା, କଳା, ସଂସ୍କୃତି, ଭାସ୍କର୍ଯ୍ୟର ପୁନରୁଦ୍ଧାର ତଥା ପ୍ରଚାର ପ୍ରସାରରେ ସହାୟକ ହୋଇପାରିଲେ ଓଡ଼ିଶାର ପ୍ରଗତି ଅବଶ୍ୟମ୍ଭାବୀ । କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା ପ୍ରବାସୀ ଭାରତୀୟ ଦିବସର ତାତ୍ପର୍ଯ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର, ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରାଜ୍ୟଶ୍ରୀ ସାହୁ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମିହିର କୁମାର ପାଲ ପ୍ରମୁଖ ପ୍ରବାସୀ ଭାରତୀୟ ଏବଂ ସେମାନଙ୍କର ରୁଚି ଓ ପ୍ରତିଭା ଦେଶ ତଥା ରାଜ୍ୟର ସାଂସ୍କୃତିକ ପରମ୍ପରାକୁ ଉଜ୍ଜ୍ୱଳିତ କରିବ ବୋଲି ମତ ଦେଇଥିଲେ । ସମଗ୍ର ଶିକ୍ଷାର ପ୍ରୋଗ୍ରାମର ଚନ୍ଦ୍ରଜିତ୍ ପରିଜାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁକ୍ତ ଦୁଇ ବିଦ୍ୟାର୍ଥୀ ମାନଙ୍କ ପାଇଁ ଓଡ଼ିଆ ଓ ଇଂରାଜୀ କୁଇଜ୍, ସାଇକେଲ୍ ଚାଳନା, ହାଇସ୍କୁଲ୍ ଓ ପ୍ରଥମିକ ବିଦ୍ୟାଳୟ ପିଲାଙ୍କ ପାଇଁ ଓଡ଼ିଆ ଓ ଇଂରାଜୀ ରଚନା ସହ ସମସ୍ତ ବର୍ଗରେ ପୋଷ୍ଟର ତିଆରି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାର ୮ଟି ବ୍ଲକ୍‌ରୁ ୭୨ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗିତାରେ ବିଚାରକ ଭାବେ ଶରତ ଚନ୍ଦ୍ର ମହାରଣା, ଶରତ ଚନ୍ଦ୍ର ବାରିକ, ଜଟାଧାରୀ ଭୋଇ, ତ୍ରିଲୋଚନ ସାହୁ, ତୃପ୍ତି ଦାସ, ନଗେନ ପଣ୍ଡା, ରାଇ ଚରଣ ତ୍ରିପାଠୀ ଯୋଗଦେଇଥିଲେ । ଅପରାହ୍ନରେ କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ । ସମଗ୍ର ଶିକ୍ଷା ବିଭାଗ ପକ୍ଷରୁ ଡ. ସସ୍ମିତା ବାରିକ, ବିନୋଦ କୁମାର ମିଶ୍ର, ଶିବ ପ୍ରସାଦ ନାୟକ, ଚୈତନ୍ୟ ଚରଣ ସ୍ୱାଇଁ, ଧର୍ମେନ୍ଦ୍ର ଦାସ, ଦିପେନ୍ଦ୍ର ବେହେରା, ଅନିଲ ପୋଥାଳ ପ୍ରମୁଖ ପରିଚାଳନା କରିଥିଲେ ।

# ରମ୍ଭା ପୋଲିସର ବ୍ଲକିଂ ଓ ଚେକିଂ ଜୋର୍‌ଦାର୍‌:୪୬ ଗିରଫ



**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଏସ୍.ପି ଶୁଭେନ୍ଦୁ ପାତ୍ରଙ୍କ ନିର୍ଦ୍ଦେଶ ଅନୁସାରେ ରମ୍ଭା ଥାନାଞ୍ଚଳରେ ରମ୍ଭା ଥାନାଧିକାରୀ ଓ ସଦଳବଳେ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଜାଗାରେ ଧରପଗଡ଼ର ବ୍ଲକିଂ ଓ ଚେକିଂ, ଚୋରାମଦ, ଜୁଆଡ଼ି, ଲୁଟେରା, ଜମିବାଡି କିଣାବିକା ଦଲାଲ୍, ବାଲି ମାଫିଆ, ଠକ, ୱାରେଣ୍ଟି ଧରପଗଡ଼, ମଦ୍ୟପାନ କରି ଗାଡି ଚଳାଇବା, ତ୍ରିପଲ ରାଇଡିଂ, ହେଲ୍‌ମେଟ୍ ବିହୀନ ଗାଡି ଚଳାଇବା, ହତ୍ୟା, ଲୁଣ୍ଠନ, ଅପରାଧୀଙ୍କ ଗତିବିଧି, ମନ୍ଦିର ଲୁଟେରା ଏପରିକି ଦିବ୍ୟାଙ୍ଗ ମାନେ ମଧ୍ୟ ବିଭିନ୍ନ କାର୍ଯ୍ୟରେ ଲିପ୍ତ ରହିଥିବା ଓ ସାମଗ୍ରିକ ସମସ୍ୟା ଉପରେ ରମ୍ଭା ଥାନା ଆଇ.ଆଇ.ସି ସତ୍ୟବ୍ରତ ଭୂତିଆ ସୂଚନା ଦେଇଛନ୍ତି । ଧରପଗଡ଼ ଅଭିଯାନରେ ଆଇନ୍ ଉଲ୍ଲଂଘନକାରି ତଥା ମଦ୍ୟପ ଗାଡି ଚାଳକ ଏପରିକି ଭିନ୍ନକ୍ଷମ ବ୍ୟକ୍ତିମାନେ ମଧ୍ୟ ମଦ ବ୍ୟବସାୟରେ ବାଦ ପଡ଼ିନଥିବା ଲକ୍ଷ୍ୟ କରାଯାଇଛି । ଏଥିସହିତ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ମଦ୍ୟପାନ କରି ଗାଡି ଚଳାଇବା ୫ ଜଣ ଗିରଫ, ତ୍ରିପଲ୍ ରାଇଡିଙ୍ଗରେ ୧୬ ଜଣ ଗିରଫ, ହେଲ୍‌ମେଟ୍ ବିହୀନ ଗାଡି ଚଳାଇ ୨୫ ଜଣ ଗିରଫ ହୋଇଥିବା ଜଣାଯାଇଛି । ତତ୍ ସହିତ ବିଭିନ୍ନ ସ୍ଥାନରେ ତଥା ମଧୁରଚୁଆ, ବାଗଲପୁର ବେଆଇନ୍ ଭାବେ ଦେଶୀ ଓ ବିଦେଶୀ ମଦ ସହିତ ୩୦ ଲିଟର ମଦ ଜବତ ହୋଇଥିବା ଖବର ମିଳିଛି । ପ୍ରଦୀପ ଦାସ ବାପା ମୃତ ବିଷ୍ଣୁ ଦାସ ହଂସପୁର (ଗଜପତି ନଗର), କେଶ୍ ନଂ ୭୯୨U/S ୫୨(a)। ବାଲିଆ ଦାସ ବାପା ଗୋବିନ୍ଦ ଦାସ ଗ୍ରାମ ବାଗଲପୁର କେଶ୍ ନଂ. ୮୦୩ଟା/୫. ୫୨ (ବ) । ପରୀ ଦାସ ସ୍ୱାମୀ ହରେଶ ଦାସ ଗ୍ରାମ ବାଗଲପୁର କେଶ୍ ନଂ.୮୨୭ U/S. ୫୨(a)ରେ ମଦ କେଶ୍ ମୋକଦ୍ଦମା ରୁଜୁ କରାଯାଇଛି । ଏତଦ୍ ବ୍ୟତୀତ ବାଗଲପୁର, ଗଜପତି ନଗର, ସନ୍ତୋଷପୁର ଠାରେ ଜୁଆଆଡା ଚାଲିଥିବା ଖବରପାଇ ତଥା ପରିତ୍ୟକ୍ତ ଗୃହ, ଖୋଲା ପଡିଆ, କୋଠାଘର, ପେଣ୍ଡେଲ ମାନଙ୍କରେ ନିର୍ଭୟ ଓ ଖୁଲମ୍‌ଖୁଲା ଭାବରେ ଚାଲୁ ରହିଥିବା ଜୁଆ ଆଡ୍ଡା ଉପରେ ମାଡି ବସି କ୍ରମାଗତ ଚଢ଼ଉ ଜାରି ରହିଛି । ତତ୍ ସହିତ ଆଡା ସ୍ଥଳରୁ ନଗଦ ୨୮୦୦ ଟଙ୍କା, ଦୁଇ ସେଟ୍ ପ୍ଲେଇଙ୍ଗ କାର୍ଡ ଜବତ ହୋଇଛି । ଖାଲି ଏତିକି ନୁହେଁ ୧୨୬ ବି.ଏନ୍.ଏସ୍.ଏସ୍- ୬ nos -୧୩ ଜଣଙ୍କୁ ଗିରଫ କରି ରମ୍ଭା ଥାନା ପୋଲିସ ସଦଳବଳେ ଚଢ଼ଉରେ ସଫଳ ହୋଇଛି ।

# ସୂଚାରୁ ରୂପେ ଦାୟିତ୍ୱ ସମ୍ପାଦନ ପାଇଁ ସିଆର୍‌ସିସିମାନଙ୍କୁ ପରାମର୍ଶ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଖଲ୍ଲିକୋଟ ବ୍ଲକରେ କାର୍ଯ୍ୟରତ ସି.ଆର.ସି.ସି.ଙ୍କ ପକ୍ଷରୁ ନବବର୍ଷ-୨୦୨୫ ଅବସରରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଗଞ୍ଜାମ, ଖଲ୍ଲିକୋଟର ଅଧ୍ୟକ୍ଷ ତଥା ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ସନ୍ତୋଷ କୁମାର ପରିଡ଼ାଙ୍କୁ ଫୁଲତୋଡ଼ା ସହିତ ଉତ୍ତରୀୟ ପ୍ରଦାନ କରି ନବ ବର୍ଷର ଶୁଭେଚ୍ଛା ଶୁଭକାମନା ଜଣାଇଥିଲେ । ପ୍ରତିଷ୍ଠାନର ଅଧ୍ୟକ୍ଷ ଡକ୍ଟର ପରିଡ଼ା ସିଆର୍‌ସିସି ମାନଙ୍କୁ କ୍ଲଷ୍ଟର ସ୍ତରରେ ନିଜ ନିଜର ଦାୟିତ୍ୱକୁ ସୂଚାରୁରୂପେ ସମ୍ପାଦନ ପାଇଁ ପରାମର୍ଶ ଦେଇଥିଲେ । ସ୍ୱତନ୍ତ୍ର ଆଗ୍ରହ ଆନ୍ତରିକତା ପ୍ରକାଶ କରି ସରକାରଙ୍କ ବିକାଶ ମୂଳକ ଯୋଜନାର ସଫଳ ରୂପାୟନ କ୍ଷେତ୍ରରେ ଆଞ୍ଚଳିକ ସାଧନକର୍ମୀଙ୍କ ଅସଲ ଭୂମିକା ସମ୍ପର୍କରେ ଅଭିହିତ କରିବା ସହିତ ପ୍ରତିଷ୍ଠାନରେ ବର୍ଷ ବ୍ୟାପି ହେଉଥିବା ତାଲିମ୍, ମାସିକ କ୍ଲଷ୍ଟର ସ୍ତରୀୟ ବୈଠକ ପୂର୍ବରୁ ଆଗୁଆ ତାଲିମ୍ ଆଦି କ୍ଷେତ୍ରରେ ସାମୂହିକ ସହଯୋଗ କାମନା କରିଥିଲେ । ଏତଦ୍‌ବ୍ୟତୀତ ପ୍ରତିଟି ପରିସ୍ଥିତିରେ ଆଞ୍ଚଳିକ ସାଧନ କର୍ମୀମାନେ ସମ୍ମୁଖୀନ ହେଉଥିବା ବହୁବିଧ ସମସ୍ୟାର ସମାଧାନ ଦିଗରେ ସେ ସମ୍ପୂର୍ଣ୍ଣ ଶିକ୍ଷା ସମ୍ବନ୍ଧୀୟ ସାହାଯ୍ୟ ସହଯୋଗ ଅକୁଣ୍ଠ ମନରେ କରିବାକୁ ଅଭିବ୍ୟକ୍ତ କରିଥିଲେ । ଶୁଭେଚ୍ଛା ଉତ୍ସବରେ ସିଆର୍‌ସିସି କୃଷ୍ଣଚନ୍ଦ୍ର ପରିଡ଼ା, ପ୍ରଶାନ୍ତ କୁମାର ସେଠୀ, ପ୍ରଜ୍ଞା କୁମାର ପଟ୍ଟନାୟକ, ପବିତ୍ର ବେହେରା, ପ୍ରକାଶ ଚନ୍ଦ୍ର ସେଠୀ, ପବନା ସ୍ୱାଇଁ, ରାଜେନ୍ଦ୍ର ପ୍ରସାଦ ପଣ୍ଡା, ପ୍ରମୋଦ କୁମାର ପ୍ରଧାନ, ସୁଶୀଳ କୁମାର ପଣ୍ଡା, ନିରଞ୍ଜନ ଗୁରୁ, ଲିପନ ପଣ୍ଡା, ନିରଞ୍ଜନ ସେଠୀ, ରବୀନ୍ଦ୍ର କୁମାର ନାହାକ, ଶୁଭେନ୍ଦୁ ରାଉତ ପ୍ରମୁଖ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ସହିତ ନବବର୍ଷର ହାର୍ଦ୍ଦିକ ଶୁଭେଚ୍ଛା ଶୁଭକାମନା ଜଣାଇଥିଲେ ।

# ଜାତୀୟ ସଡ଼କ ସୁରକ୍ଷା ସମୀକ୍ଷା ବୈଠକ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଜାତୀୟ ସଡ଼କ ସୁରକ୍ଷା ମାସିକ ସଚେତନତା କାର୍ଯ୍ୟକ୍ରମ ପାଳନ ହେଉଥିବା ବେଳେ ଏନେଇ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ, ଜିଲ୍ଲା ପରିବହନ ଅଧିକାରୀ ଧିରେନ ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା କ୍ରୀଡା ଅଧିକାରୀ, ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ, ଏସ୍‌ଡିଓ, ଏମ୍‌ବିଆଇ ବସନ୍ତ ସେନାପତି, ଡିଟିଏମ୍ ବିଶ୍ୱଜିତ୍ ଦାସ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାର ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟୁଥିବା ସ୍ଥାନକୁ ଚିହ୍ନଟ କରି ପଦକ୍ଷେପ ନେବା, ଜିଲ୍ଲା କ୍ରଡାବିତ୍ ମାନଙ୍କ ଦ୍ୱାରା ଶୋଭାଯାତ୍ରା ଓ ସଚେତନତା କାର୍ଯ୍ୟକ୍ରମ କରାଇବା, ସ୍କୁଲ୍ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସଚେତନତା ପାଇଁ ରଚନା, ଚିତ୍ରାଙ୍କନ, କୁଇଜ୍ ପ୍ରତିଯୋଗିତା କରାଇବା, ପୋଲିସ ଏବଂ ପରିବହନ ବିଭାଗ ଦ୍ୱାରା ଗାଡି ଚେକିଂ କରେଇବା, ନିଶାଶକ୍ତ ଡ୍ରାଇଭର ଓ ନାବାଳକଙ୍କ ପ୍ରତି ଗାଡି ଚାଳନାରେ ରୋକ୍ ଲଗାଇବା, ସମ୍ବେଦନଶୀଳ ସ୍ଥାନ ମାନଙ୍କରେ ବ୍ୟାନର ପୋଷ୍ଟର ଲଗାଇବା, ସଚେତନତା ଲିଫ୍‌ଲେଟ୍ ବଣ୍ଟନ କରିବା ଅଦି ସମ୍ପର୍କରେ ଆଲୋଚନା କରାଯାଇଥିଲା ।

# ପ୍ରସ୍ତାବିତ ଇସ୍ପାତ କାରଖାନା ପାଇଁ ଜମିହରା ମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଉପରେ ଗୁରୁତ୍ୱ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡ଼ା ବ୍ଲକ ଅଞ୍ଚଳରେ ପ୍ରସ୍ତାବିତ ଇସ୍ପାତ କାରଖାନା ପାଇଁ ପ୍ରଶାସନ ଜମି ଅଧିଗ୍ରହଣ ନିମନ୍ତେ ବିଜ୍ଞାପନ ଜାରି କରିବା ପରେ ଜମି ହରାଉଥିବା ଚାଷୀମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ସୃଷ୍ଟି ହୋଇଛି । ଏହାକୁ ପ୍ରଶମିତ କରିବା ପାଇଁ ଚାଷୀ ପ୍ରତିନିଧିମାନଙ୍କ ସହିତ ଜିଲ୍ଲା ପ୍ରଶାସନର ଏକ ଦ୍ୱିପାକ୍ଷିକ ଆଲୋଚନା ସଭା ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି । ପ୍ରଶାସନ ଜମି ଅଧିଗ୍ରହଣ କରିବା ସମୟରେ ବିଭିନ୍ନ କିସମର ଜମିଗୁଡ଼ିକ ପାଇଁ କ୍ଷତିପୂରଣ ଓ ଥଇଥାନ ନୀତି ସାର୍ବଜନୀନ କରିବା ନିମନ୍ତେ ଦାବି କରିଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର ଓ ଜମି ଅଧିଗ୍ରହଣ ଅଧିକାରୀ ଅଶୋକ କୁମାର ପଣ୍ଡା ଚାଷୀ ପ୍ରତିନିଧିମାନଙ୍କୁ କ୍ଷତିଗ୍ରସ୍ତ ସମସ୍ତ ଚାଷୀଙ୍କୁ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ । କୃଷକ ପ୍ରତିନିଧିମାନଙ୍କ ପକ୍ଷରୁ ରମଣୀ ରଞ୍ଜନ ରାଉତରାୟ, ଅଜୟ ସାମଲ, ଆଦିକନ୍ଦ ରାଉଳ, ପ୍ରଶାନ୍ତ ଚୌଧୁରୀ, ହରେକୃଷ୍ଣ ମାଝୀ, ଧୀରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



# ନାଟକ ମାଧ୍ୟମରେ ସଡ଼କ ସୁରକ୍ଷା ସଚେତନତା

**ନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ନନ୍ଦପୁର ହାଟପଦା ଛକ ଠାରେ ସଡ଼କ ସୁରକ୍ଷା ମାସ ୨୦୨୫ ଅବସରରେ ଆଞ୍ଚଳିକ ପ୍ରାଧିକରଣ, କୋରାପୁଟ ତରଫରୁ ନୁକ୍କଡ ନାଟକ ‘ସଡକ ସୁରକ୍ଷା ପରିବାର ରକ୍ଷା’ ଶୀର୍ଷକରେ ପରିବେଷଣ କରାଯାଇଛି । ସଡ଼କ ନିୟମ ମାନି ଗାଡ଼ି ଚଳାଇବା ଉଦ୍ଦେଶ୍ୟରେ ଜନସାଧାରଣଙ୍କୁ ସଚେତନ କରିବାର ସରକାରଙ୍କର ଏହା ଏକ ଅଭିନବ ପ୍ରୟାସ । ସଡ଼କ ନିୟମ ଅମାନ୍ୟ କରି ଗାଡ଼ି ଚାଳନା କଲେ ହେଉଥିବା ବିଭିନ୍ନ ଅସୁବିଧାକୁ ସ୍ଥାନୀୟ ଭାଷାରେ ନାଟକ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ । ଏହି ପରିପ୍ରେକ୍ଷୀରେ ପ୍ରବାସନ୍ ଅଧିକାରୀ ପାଣ୍ଡବ ଶବର, ଆଇଆଇସି ମମତା ପଣ୍ଡା, ଏସ୍‌ଆଇ ଦିପ୍ତିମୟୀ ଧାରୁଆ, ଗୁପ୍ତେଶ୍ୱର ଗୌଡ଼ ପ୍ରମୁଖ ଉପସ୍ଥିତ ରହି କଳାକାରଙ୍କୁ ଉତ୍ସାହିତ କରିବା ସହ ଦର୍ଶକଙ୍କୁ ସଡ଼କ ନିୟମ ମାନି ଗାଡ଼ି ଚଳାଚଳ କରିବା ଲାଗି ଉପଦେଶ ଦେଇଥିଲେ ।

# ‘ବୌଦ୍ଧର ଐତିହାସିକ ପୃଷ୍ଠଭୂମି’ ଶୀର୍ଷକ ଆଲୋଚନା ଚକ୍ର




**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ ଠାରେ ବୌଦ୍ଧ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଅବସରରେ ଏକ ଆଲୋଚ଼ନା ଚ଼କ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ଯୋଗଦେଇଥିଲେ । ଗବେଷକ ବିଶ୍ୱେଶ୍ୱର ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ‘ବୌଦ୍ଧର ଐତିହାସିକ ପୃଷ୍ଠଭୂମି’ ଶୀର୍ଷକ ଆଲୋଚ଼ନା ଚ଼କ୍ରରେ ଅବସରପ୍ରାପ୍ତ ପ୍ରାଧାପକ ଡ. ବାମନ ଚ଼ରଣ ପ୍ରଧାନ, ଐତିହାସିକ ଶଶାଙ୍କ ଶେଖର ପଣ୍ଡା, ହାଡିବନ୍ଧୁ ମହାଖୁଡ, ଇଂ ସଞ୍ଜୟ କୁମାର ପଣ୍ଡା ପ୍ରମୁଖ ଆଲୋଚ଼କ ଭାବେ ଯୋଗଦେଇଥିଲେ । ପ୍ରାରମ୍ଭରେ ଅଧାପକ ଡ. ପ୍ରବୀର କୁମାର ଦାସ ସ୍ୱାଗତ ସମ୍ଭାଷଣ ଦେଇଥିବା ବେଳେ ଗବେଷକ ସତ୍ୟ ନାରାୟଣ ପାଣି ଅତିଥି ପରିଚ଼ୟ ପ୍ରଦାନ କରିଥିଲେ । ବୌଦ୍ଧର ପ୍ରାଚ଼ୀନ ଇତିହାସ ଓ ମଧ୍ୟଯୁଗୀୟ ଇତିହାସ ସହ ଇଂରେଜ ଶାସନାଧିନ ବୌଦ୍ଧ ଗଡଜାତର ଐତିହାସିକ ପୃଷ୍ଠଭୂମି ଉପରେ ଆଲୋଚ଼କ ମାନେ ତଥ୍ୟ ଉପସ୍ଥାପନ କରିଥିଲେ । ବୌଦ୍ଧର ଅତୀତର ଗରିମାମୟ ଐତିହ୍ୟ, ପର୍ଯ୍ୟଟନ ବିଭବ ସମଗ୍ର ଓଡ଼ିଶାର ରାଜଧାନୀରେ ଅଲୌକିକ ଭୂଖଣ୍ଡ ଏକଦା ଦୀର୍ଘବର୍ଷ ଧରି ବାନ୍ଧିରଖିଥିଲା । ଆଜି ସଭ୍ୟତାର ସୂତିକାଗୃହ ବୋଲି ମତପ୍ରକାଶ କରିଥିଲେ । ଏହି ଆଲୋଚନା ଚକ୍ରରେ ବୌଦ୍ଧ ପଞ୍ଚାୟତ କଲେଜର ଅଧାପକ-ଅଧାପିକା, ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

# ବିଜେପି ମହିଳା ମୋର୍ଚ୍ଚାର ଆଲୋଚନା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚାର ସାଂଗଠନିକ ସମାବେଶ ଓ ଆଲୋଚନା ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ତଥା ବିଜେପି ନାରୀ ନେତ୍ରୀ ଡ଼ଃ ଜ୍ୟୋତ୍ସ୍ନାରାଣୀ ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ମହିଳାଙ୍କ କାର୍ଯ୍ୟକର୍ତ୍ତା ସମାବେଶ ଗରାପୁର ସ୍ଥିତ ଏକ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ଓ ରାଜ୍ୟର ବିଜେପି ସରକାର ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମହିଳା ବିକାଶ ଓ ସଶକ୍ତିକରଣ କାର୍ଯ୍ୟକ୍ରମ ଓ ସୁଭଦ୍ରା ଯୋଜନାର କାର୍ଯ୍ୟକାରିତାର ସୁଫଳ ଯେପରି ସମସ୍ତ ଯୋଗ୍ୟ ମହିଳା ହିତାଧିକାରୀ ପାଇପାରିବେ ସେ ଦିଗରେ ମହିଳା କର୍ମକର୍ତ୍ତାମାନେ ସଚେତନ କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମାଞ୍ଚଳରେ ସକ୍ରୀୟ ଭାବେ ଉଦ୍ୟମ କରିବାକୁ ବୈଠକରେ ଆହ୍ୱାନ ଦିଆଯାଇଥିଲା । ଏହି ଆଲୋଚନା ସମୟରେ ବହୁ ସଂଖ୍ୟକ ମହିଳା କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

# ସଚେତନତା ଅଭାବରୁ କେନ୍ଦୁଝର ଜିଲ୍ଲାରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ବଢୁଛି

**କେନ୍ଦୁଝର, ନ୍ୟୁଜ୍**

ଜାତୀୟ ସଡ଼କ ସୁରକ୍ଷା ସଚେତନତା ମାସ ଆରମ୍ଭ ହୋଇଛି । ଏହି ଅବସରରେ ଓଏସ୍‌ଆର୍‌ଟିସି ପରିସରରେ ଡ୍ରାଇଭରଙ୍କ ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୭୦ରୁ ଉର୍ଦ୍ଧ୍ୱ ଡ୍ରାଇଭରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ଯେଉଁମାନଙ୍କ ଚକ୍ଷୁରେ କିଛି ସମସ୍ୟା ପରିଲକ୍ଷିତ ସେମାନଙ୍କୁ ମାଗଣାରେ ଚଷମା ଯୋଗାଇ ଦିଆଯିବ । ଜିଲ୍ଲା ରକ୍ତଭଣ୍ଡାର ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ରକ୍ତଦାନ ଶିବିରରେ କେନ୍ଦୁଝର ଆଞ୍ଚଳିକ ପରିବହନ ବିଭାଗର କର୍ମଚାରୀଙ୍କ ସମେତ ଅନ୍ୟମାନେ ରକ୍ତଦାନ କରିଥିଲେ । ଏଥିରେ ୪୫ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା । ଏହା ବ୍ୟତିତ ଆନନ୍ଦପୁର, ଘଟଗାଁ, ହାଟଡିହି, ଘଷିପୁରାରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ଦିଆଯାଇଛି । କେନ୍ଦୁଝର ଡିଏନ୍ ହାଇସ୍କୁଲ୍‌ରେ କନିଷ୍ଠ ଏବଂ ବରିଷ୍ଠ ବର୍ଗରେ ସ୍ଲୋଗାନ୍ ଏବଂ ପେଣ୍ଟିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । କେନ୍ଦୁଝର ଜିଲ୍ଲାରେ ସଡ଼କ ସୁରକ୍ଷା ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି । ସୂଚନାଯୋଗ୍ୟ ଯେ, କେନ୍ଦୁଝର ଜିଲ୍ଲାରେ ସଚେତନତା ଅଭାବରୁ ରାସ୍ତା ଦୁର୍ଘଟଣାଜନିତ ମୃତ୍ୟୁ ଏକ ସ୍ପର୍ଶକାତର ପ୍ରସଙ୍ଗ ହୋଇଥିବା ବେଳେ ରାସ୍ତା ଦୁର୍ଘଟଣାରେ ଅନେକ ଧନଜୀବନ ନଷ୍ଟ ହେଉଛି । ଏ ସମ୍ପର୍କରେ ସମସ୍ତେ ସଚେତନ ହୋଇ ନିଜେ ବଞ୍ଚି ଅନ୍ୟକୁ ବଞ୍ଚାଇବାର ସଂକଳ୍ପ ନେବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି । ରାସ୍ତା, ହାଟ ଏବଂ ଭିଡ଼ ସ୍ଥାନରେ ପଥପ୍ରାନ୍ତ ନାଟକ ଏବଂ କ୍ଷୁଦ୍ର ଚଳଚିତ୍ର କରାଯାଇ ଲୋକମାନଙ୍କୁ ଏ ସମ୍ପର୍କରେ ସଚେତନ କରାଯାଉଛି । ରାସ୍ତା ଦୁର୍ଘଟଣାର ଅନେକ କାରଣ ଥିଲେ ହେଁ କେତେକ ପ୍ରମୁଖ କାରଣ ସମ୍ପର୍କରେ ସଚେତନ ହେଲେ ଦୁର୍ଘଟଣାକୁ ଏଡାଇ ଦିଆଯାଇପାରିବ । ଗାଡିରେ ଓଭର୍‌ଲୋଡିଂ ନ ନେବା, ଅଧିକ ବେଗରେ ଗାଡି ନ ଚଳାଇବା, ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡି ନ ଚଳାଇବା, ଟ୍ରାଫିକ୍ ନିୟମ ମାନିବା, ମାଲ୍‌ବାହୀ ଗାଡିରେ ଯାତ୍ରୀ ନେବା ଆଣିବା ନକରିବା, ନିଶାଦ୍ରବ୍ୟ ସେବନ କରି ଗାଡି ନ ଚଳେଇବା, ଦୁଇଚକିଆ ଯାନ ଚଳାଇବା ବେଳେ ସର୍ବଦା ହେଲ୍‌ମେଟ୍ ବ୍ୟବହାର କରିବା, ଚାରିଚକିଆ ଯାନ ଚଳାଇବା ବେଳେ ସିଟ୍‌ବେଲ୍ଟ ବ୍ୟବହାର କରିବା, ଗାଡି ଚଳାଇବା ବେଳେ ମୋବାଇଲ୍ ଫୋନ୍ ବ୍ୟବହାର ନକରିବା, ନିର୍ଦ୍ଧାରିତ ରାସ୍ତାରେ ଗାଡି ଚଳାଇବା ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ପଥପ୍ରାନ୍ତ ନାଟକ ଦ୍ୱାରା ସଚେତନ କରାଯାଉଛି ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ଇଂ ଗୋପାଳ କୃଷ୍ଣ ଦାସ କହିଛନ୍ତି ।





# ମସିଣାଗୋରାରେ ମାହେଶ୍ୱରୀ ମହୋତ୍ସବ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ମସିଣାଗୋରା ଠାରେ ଡୁମାଳ ସମାଜ ମସିଣାଗୋରା କେନ୍ଦ୍ର ପକ୍ଷରୁ ଆୟୋଜିତ ଦ୍ୱିତୀୟ ମା’ ମାହେଶ୍ୱରୀ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । କଣ୍ଟାମାଳ ବିଧାୟକ କହ୍ନାଇ ଚ଼ରଣ ଡାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ମହୋତ୍ସବ ମଞ୍ଚକୁ ଉଦ୍‌ଘାଟନ କରିଥିଲେ । ସକାଳୁ ବନ୍ଧଗୋରା ସ୍ଥିତ ଚ଼ିରସ୍ରୋତା ଖଡ଼ଙ୍ଗ ନଦୀରୁ ମହିଳା ମାନଙ୍କ ଦ୍ୱାରା ପୂର୍ଣ୍ଣ କଳସ ଶୋଭାଯାତ୍ରା ମାଧ୍ୟମରେ ପବିତ୍ର ଜଳ ଅଣାଯାଇଥିଲା ଏବଂ ଧବଳେଶ୍ୱର ପୀଠରୁ ସାଂସ୍କୃତିକ ଦଳ ମାଧ୍ୟମରେ ମଶାଲ ଶୋଭାଯାତ୍ରା ବାହାରି ମଣ୍ଡପରେ ପହଞ୍ଚିବା ପରେ ସ୍ଥାପନ କରାଯାଇଥିଲା । ପୂଜକ ଭାବେ ରାଜାରାମ ଦାଶ ପୌରୋହିତ୍ୟ କରିଥିବାବେଳେ ସଭାପତି ଗୋବର୍ଦ୍ଧନ ପ୍ରଧାନ ଓ ଅଳକା ପ୍ରଧାନ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଅପରାହ୍ନରେ ସାହିତ୍ୟିକ ଗୌତମ କ୍ଷେତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟକ ଶ୍ରୀ ଡାଙ୍ଗ ମୁଖ୍ୟଅତିଥି ଏବଂ ବୌଦ୍ଧ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟା ପଦ୍ମାଳୟା ପ୍ରଧାନ, ଖମନମୁଣ୍ଡା ସରପଞ୍ଚ ଅଳକା ପ୍ରଧାନ, ଶିକ୍ଷକ ନେତା ଶମ୍ଭୁ ଗିରି, ଡୁମାଳ ସମାଜ ପୂର୍ବତନ ରାଜ୍ୟ ସମ୍ପାଦକ କୃତ୍ତିବାସ ପଲିଆ, ଭୁବନେଶ୍ୱର ବସ୍ତିଆ, ପୂର୍ବତନ ଜିଲ୍ଲା ସଭାପତି ବିଶିକେଶନ ପ୍ରଧାନ, ପ୍ରାକ୍ତନ ରାଜ୍ୟ ପ୍ରତିନିଧି ଦେଶବନ୍ଧୁ ମହାକୁଳ, ମସିଣାଗୋରା ଗୌନ୍ତିଆ ପୂର୍ଣ୍ଣଚ଼ନ୍ଦ୍ର ମେଣ୍ଡିଲି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡୁମାଳ ସମାଜର ଏକତା, ସଂହତି ଏବଂ ସାଙ୍ଗଠନିକ ଅଭିବୃଦ୍ଧି ବିଷୟରେ କହିଥିଲେ । ରଞ୍ଜୁ ଅମାତ ମଞ୍ଚ ପରିଚ଼ାଳନା ଏବଂ ରଞ୍ଜନ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



# ସୋଆରେ ଓଡ଼ିଶାର ବରିଷ୍ଠ କୀଟତତ୍ତ୍ୱବିତ୍‌ଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍ (ଆଇଏଏସ୍)ର କୀଟତତ୍ତ୍ୱ ବିଭାଗ ପକ୍ଷରୁ ନିକଟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡ଼ିଶାର ପାଞ୍ଚ ଜଣ ବରିଷ୍ଠ ତଥା ଜାତୀୟ ସ୍ତରର ଖ୍ୟାତି ସମ୍ପନ୍ନ କୀଟତତ୍ତ୍ୱବିତ୍ ପ୍ରଫେସର ଏନ୍.ସି ପଟ୍ଟନାୟକ, ପ୍ରଫେସର ଏ.ପି ସାମଲ, ପ୍ରଫେସର ବାସୁଦେବ ମିଶ୍ର, ପ୍ରଫେସର ଉମାକାନ୍ତ ନନ୍ଦ ଓ ପ୍ରଫେସର ଅଚ୍ୟୁତାନନ୍ଦ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଦୀର୍ଘ ଚାରି ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ସେମାନଙ୍କର ଜୀବନବ୍ୟାପୀ ସାଧନା, ଗବେଷଣା, ଅଧ୍ୟାପନା ତଥା କୃଷକ ସମାଜ ପାଇଁ ଅସୀମ ଅବଦାନ ରହିଛି । ଏଭଳି କାର୍ଯ୍ୟକ୍ରମର ଆୟୋଜନ ନିମନ୍ତେ ଏହି ୫ଜଣ ବରିଷ୍ଠ କୀଟତତ୍ତ୍ୱବିତ୍‌ମାନେ ସୋଆକୁ ପ୍ରଶଂସା କରିବା ସହ ଆଇଏଏସ୍‌ର କୀଟତତ୍ତ୍ୱ ବିଭାଗର ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ । ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ, ଉପଦେଷ୍ଟା ପ୍ରଫେସର ବିଜୟ କୁମାର ସାହୁ, ପ୍ରଫେସର ସନ୍ତୋଷ କୁମାର ପଣ୍ଡା ଓ ପ୍ରଫେସର ବ୍ରଜ କିଶୋର ସାହୁ ଯୋଗଦେଇ ନିଜ ନିଜର ମତବ୍ୟକ୍ତ କରିଥିଲେ । ଏହି ଅବସରରେ କୀଟତତ୍ତ୍ୱ ବିଭାଗର ମୁଖ୍ୟ ପ୍ରଫେସର ବିଜୟ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଫେସର ପ୍ରଭାତ କୁମାର ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ । ଡକ୍ଟର ଭୁବନାନନ୍ଦ ଅଧିକାରୀ ମଞ୍ଚ ସଂଯୋଜନା କରିଥିଲେ । ଡକ୍ଟର ସତ୍ୟ ନାରାୟଣ ଶତପଥୀ, ଡକ୍ଟର ସ୍ୱୟମ୍ ସିଂହ, ଡକ୍ଟର ରିତେଶ ମିଶ୍ର, ବିଶ୍ୱଜିତ୍ ମିଶ୍ର, ଡକ୍ଟର ଶୁଭଲକ୍ଷ୍ମୀ ରାୟ, ଡକ୍ଟର ପ୍ରଜ୍ଞା ପତି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଅମିତ୍ର ମହାପାତ୍ର, ନିଶିସ୍ମିତା ପରିଡା, ଶୁଭମ୍ ପ୍ରକାଶ, ସୁମିତ ସୌରଭ, ସ୍ୱୟମଦୀପ୍ତ, ପ୍ରଦୀପ ଜେନା ପ୍ରମୁଖ ସଂଯୋଜନା କରିଥିଲେ ।

# ଗଛ ଗଛ ଗଛ, ଆଉ ସବୁକଥା ପଛ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପୂଜ୍ୟ ପୂଜକ ଶ୍ରୀମଦ୍ ବାବା ବଳିଆଙ୍କ ଦ୍ୱାରା ପ୍ରତିଷ୍ଠିତ ଅନନ୍ତ ବଳିଆ ଟ୍ରଷ୍ଟ ପକ୍ଷରୁ ଶୁକ୍ରବାର ରବୀନ୍ଦ୍ର ମଣ୍ଡପ ଠାରେ ଆୟୋଜିତ ଜାତୀୟ ପରିବେଶ କର୍ମଶାଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଶ୍ରୀମଦ୍ ବାବା ବଳିଆ କହିଲେ ଯେ, ‘ଗଛ ଗଛ ଗଛ, ଆଉ ସବୁକଥା ପଛ’ । ପରିବେଶ ବଞ୍ଚିଲେ ଆମେ ବଞ୍ଚିବା, ଏକଥାକୁ ଜନସାଧାରଣଙ୍କୁ ସଚେତନ କରାଇବା ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କର ଦାୟିତ୍ୱ ବୋଲି ବାବା ବଳିଆ ଆହ୍ୱାନ ଦେଇଥିଲେ । ଆମ ପୂର୍ବ ପୁରୁଷମାନେ ପରିବେଶ ବିଷୟରେ ଯଥେଷ୍ଟ ସଚେତନ ଥିଲେ । ତାହାଥିଲା ଧର୍ମ ମାଧ୍ୟମରେ ଗାଁ ଗହଳିରେ ବରଗଛ ଓ ଅଶ୍ୱସ୍ଥ ଗଛର ବିବାହ କରାଇ ପ୍ରକୃତି ଓ ପରିବେଶର ସୁରକ୍ଷା କରୁଥିଲେ । କାର୍ଯ୍ୟକ୍ରମର ମୁଖ୍ୟ ଆୟୋଜକ ଅନନ୍ତ ବଳିଆ ଟ୍ରଷ୍ଟ ପକ୍ଷରୁ ବାବା ପ୍ରଣବାନନ୍ଦ ଦାସ ସ୍ୱାଗତ ଭାଷଣ ଦେବା ପରେ କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ପାଞ୍ଚଦିନ ବ୍ୟାପୀ ବାବାଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଆଲୋଚନା ଆରମ୍ଭ କରି ବରିଷ୍ଠ ସଂଯୋଜକ ତଥା ପରିବେଶବିତ୍ ପ୍ରଫେସର ଡଃ ଆଶୁତୋଷ ଦେବତା କହିଲେ ଯେ, କେବଳ ବୃକ୍ଷ ରୋପଣ କଲେ ହେବନାହିଁ, ବୃକ୍ଷକୁ ବଞ୍ଚାଇବାକୁ ଆମେ ସଂକଳ୍ପ ନେବା ଉଚିତ୍ । ପରିବେଶକୁ ସନ୍ତୁଳିତ ରଖିବା ପାଇଁ ଆମକୁ ନଡ଼ିଆ, ତାଳ ଓ ଖଜୁରୀ ଗଛ ଲଗାଇବାକୁ ପଡ଼ିବ । ଅନ୍ୟତମ ଆଲୋଚକ ରୋଟାରୀ ଆନ୍ତର୍ଜାତୀକ ଜିଲ୍ଲା ୩୨୬୨ର ପ୍ରାନ୍ତପାଳ ଯଜ୍ଞାଶିଷ ମହାପାତ୍ର ଗ୍ରୀନ୍ ମିଶନ ଉପରେ ତାଙ୍କ ବକ୍ତବ୍ୟ ରଖିବା ସହ ଅଙ୍ଗଦାନ ଆଜିର ଆବଶ୍ୟକତା ସହ ପ୍ଲାଷ୍ଟିକ୍ ଠାରୁ ଦୂରରେ ରହିବାକୁ ଆମେ ସଂକଳ୍ପ ନେବାକୁ ହେବ ବୋଲି ସେ କହିଥିଲେ । ଆଲୋଚକ ପ୍ରଫେସର ଡଃ ରାମଚନ୍ଦ୍ର ମହାନ୍ତି ବିଶ୍ୱରେ ହେଉଥିବା ଜଳବାୟୁ ପରିବର୍ତ୍ତନ ଉପରେ ଆଲୋକପାତ କରିଥିଲେ । ଯେଉଁ ଦେଶରେ ବର୍ଷା ହୁଏନାହିଁ ବୋଲି ରାସ୍ତା କଡ଼ରେ ନାଳ ନଥିଲା, ସେଇ ଦୁବାଇ ସହରରେ ମହା ପ୍ରଳୟ ସୃଷ୍ଟି ହେଲା । ଲଗାଣ ବର୍ଷାରେ ଦୁବାଇ ସହର ଜଳାର୍ଣ୍ଣବ ହୋଇଗଲା । ଏଥିରୁ ଆପଣ ଅନୁମାନ କରୁଥିବେ ସାରା ବିଶ୍ୱରେ ଜଳବାୟୁର କିପରି ପରିବର୍ତ୍ତନ ହୋଇଛି । ଆଲୋଚକ ଡଃ ଚିତ୍ତରଞ୍ଜନ ମିଶ୍ର କହିଲେ ଯେ, କଳକାରଖାନାର ଆବଶ୍ୟକତା ଅଛି, କିନ୍ତୁ ବାୟୁ ପ୍ରଦୂଷଣକୁ କିଭଳି ରୋକା ଯାଇପାରିବ ତାହା ଉପରେ ସରକାରଙ୍କ ପକ୍ଷରୁ ଚ଼ପସୃଷ୍ଟି ହେବାର ଯଥେଷ୍ଟ ଆବଶ୍ୟକତା ରହିଛି । ମହାନଦୀ ବଞ୍ଚାଅ ଆନ୍ଦୋଳନର ଅଧ୍ୟକ୍ଷ ସୁଦର୍ଶନ ଦାସ କହିଲେ ଯେ, ଆମ ରାଜ୍ୟର ନଦୀ ସୁରକ୍ଷିତ ନରହିଲେ ଆଗାମୀ ଦିନରେ ରାଜ୍ୟ ପାଇଁ ଜଳ ସଙ୍କଟ ସୃଷ୍ଟିହେବା ଅବଶ୍ୟମ୍ଭାବୀ । ପରିବେଶ କଂଗ୍ରେସ ପକ୍ଷରୁ ଏ ବିଷୟରେ ସରକାରଙ୍କୁ ବାରମ୍ବାର ସଚେତନ କରାଯାଉଥିଲେ ମଧ୍ୟ ସରକାର କଠୋର ନିଷ୍ପତ୍ତି ନେବାକୁ ଡରୁଛନ୍ତି । ସବୁକାମ କେବଳ ଲୋକ ଦେଖାଣିଆରେ ଚ଼ଳିଛି । ଏଭଳିହେଲେ ରାଜ୍ୟ ପାଇଁ ଆଗକୁ ବିପଦ ମାଡ଼ିଆସୁଛି । ଓଡ଼ିଶାରେ ପ୍ରଥମେ ପରିବେଶ ବିଭାଗରେ ସ୍ରଷ୍ଟକର୍ତ୍ତା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ଅତିଥିମାନେ ତାଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱାଗତ କମିଟିର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ପୂଜ୍ୟ ବାବାଙ୍କୁ ସ୍ୱାଗତ କରି ଆଶୀର୍ବାଦ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପଟିଆ ଡିଗ୍ରୀ କଲେଜ, ପଟିଆ ଯୁକ୍ତଦୁଇ କଲେଜ, ଆଚାର୍ଯ୍ୟ ହରିହର କଲେଜ, ବିଜୁ ପଟ୍ଟନାୟକ କଲେଜ ଓ ଅନନ୍ତ ବଳିଆ କଲେଜ ତେଲେଙ୍ଗା ପେଣ୍ଠର ଛାତ୍ରଛାତ୍ରୀ ମାନେ ବହୁସଂଖ୍ୟାରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ବାବା ରାଧେଶ୍ୟାମ ଦାସ, ବାବା ପରମାତ୍ମା ଦାସ ପ୍ରମୁଖ ପରିଚ଼ାଳନା କରିଥିଲେ ।




## ଜାତୀୟ ପରିବେଶ କର୍ମଶାଳା ଉଦ୍‌ଘାଟିତ

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ପେନ୍‌ସନରେ ଅଧିକ ଖର୍ଚ୍ଚ

କେନ୍ଦ୍ର ସରକାର ଏବଂ ତିନିଟି ରାଜ୍ୟ କର୍ମଚାରୀମାନଙ୍କ ବେତନ ଓ ପାଉଣାରେ ଯେତିକି ଟଙ୍କା ଖର୍ଚ୍ଚ କରୁନାହାନ୍ତି, ତାଠାରୁ ଅଧିକ ଟଙ୍କା ପେନସନ ପାଇଁ ବ୍ୟୟ କରୁଛନ୍ତି ସିଏଜି ରିପୋର୍ଟରୁ ଏହା ଜଣାପଡିଛି । ଗୁଜୁରାଟ, କର୍ଣ୍ଣାଟକ ଓ ପଶ୍ଚିମବଙ୍ଗରେ ଦରମାଠୁ ପେନସନ ଖର୍ଚ୍ଚ ଅଧିକ ରହିଛି । ସିଏଜି ରିପୋର୍ଟ ଅନୁସାରେ, ୨୦୧୯-୨୦ ଆର୍ଥିକ ବର୍ଷରେ କେନ୍ଦ୍ରଙ୍କ ମୋଟ ବ୍ୟୟ ୯.୭୮ ଲକ୍ଷ କୋଟି ଟଙ୍କା ଥିଲା । ସେଥିରୁ ବେତନ ଓ ପାଉଣା ବାବଦରେ ୧.୩୯ ଲକ୍ଷ ଟଙ୍କା ଏବଂ ୧.୮୩ ଲକ୍ଷ କୋଟି ଟଙ୍କା ପେନସନ ଦେବାରେ ଖର୍ଚ୍ଚ ହୋଇଥିଲା । ଋଣ ପରିଶୋଧ ଓ ସୁଧ ପ୍ରଦାନରେ ସରକାର ୬.୫୫ ଲକ୍ଷ କୋଟି ଟଙ୍କା ବ୍ୟୟ କରିଥିଲେ । କେନ୍ଦ୍ର ସରକାରଙ୍କ ମୋଟ ଖର୍ଚ୍ଚରେ ପେନ୍‌ସନର ଭାଗ ୧୯ ପ୍ରତିଶତ ଓ ଦରମା ଭାଗ ୧୪ ପ୍ରତିଶତ ରହିଥିଲା । ୨୦୧୯-୨୦ରେ ଗୁଜୁରାଟ ୧୭,୬୩୩ କୋଟି ଟଙ୍କା ପେନ୍‌ସନରେ ଖର୍ଚ୍ଚ କରିଥିବା ବେଳେ ବେତନ ପାଇଁ ୧୧,୧୨୬ କୋଟି ଟଙ୍କା ବ୍ୟୟ କରିଥିଲା । ସେହିପରି କର୍ଣ୍ଣାଟକ ପକ୍ଷରୁ ପେନ୍‌ସନରେ ୧୮,୪୦୪ କୋଟି ଟଙ୍କା ଏବଂ ବେତନରେ ୧୪,୫୭୩ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା । ପଶ୍ଚିମବଙ୍ଗର ପେନସନ ଖର୍ଚ୍ଚ ୧୭,୪୬୨ କୋଟି ଟଙ୍କା ଏବଂ ବେତନ ଖର୍ଚ୍ଚ ୧୬,୯୧୫ କୋଟି ଟଙ୍କା ଥିଲା । ଓଡ଼ିଶା ସମେତ ଉତ୍ତରପ୍ରଦେଶ, ବିହାର, ମହାରାଷ୍ଟ୍ର ଓ ତାମିଲନାଡୁରେ ବେତନ ଖର୍ଚ୍ଚର ଦୁଇ ତୃତୀୟାଂଶ ହେଉଛି ପେନସନ ଖର୍ଚ୍ଚ । ଗୁଜରାଟ ଓ ହିମାଚଳପ୍ରଦେଶ ନିର୍ବାଚନରେ ପୁରୁଣା ପେନସନ ସ୍କିମ ଏକ ପ୍ରମୁଖ ନିର୍ବାଚନ ପ୍ରତିଶ୍ରୁତି ଭାବେ ଉଭା ହୋଇଥିଲା । ଭୋଟ ହାତେଇବା ଲାଗି କିଛି ରାଜ୍ୟ ପୁରୁଣା ପେନସନ ସ୍କିମ୍‌କୁ ପୁଣି ଥରେ ଲାଗୁ କରିବା ବିଷୟରେ ବିଚାର କରୁଛନ୍ତି । କଂଗ୍ରେସ ଶାସିତ ରାଜସ୍ଥାନ ଓ ଛତିଶଗଡ଼ ସରକାର ଏହି ସ୍କିମ୍‌କୁ ପୁନର୍ବାର ଲାଗୁ କରିବାକୁ ନିଷ୍ପତ୍ତି ନେଇଛନ୍ତି । ବେତନ, ପେନ୍‌ସନ, ଋଣ ପରିଶୋଧ ଓ ସୁଧ ଆଦିରେ ହେଉଥିବା ଖର୍ଚ୍ଚକୁ ପ୍ରତିବଦ୍ଧ ଖର୍ଚ୍ଚ କୁହାଯାଉଛି । ଏଥିରେ ଅଧିକ ଖର୍ଚ୍ଚ ହେଲେ ଭିତ୍ତିଭୂମି ଓ ଅନ୍ୟାନ୍ୟ ବିକାଶମୂଳକ ସ୍କିମ ବା ପ୍ରକଳ୍ପରେ ଖର୍ଚ୍ଚ ବଢାଇବା ଲାଗି ସରକାରଙ୍କ ପାଖରେ ସୁଯୋଗ ରହେନାହିଁ ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁଗସ୍ସା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମୁତେ ।'

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଥି ବ୍ୟ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡସମାସୀ (୧୫)

ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁଗସ୍ସା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ର ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

ଲକ୍ଷ୍ୟ ମୋର ପାଉ ନାହିଁ

(କ୍ରମଶଃ)

# ବଧୂ ବିଦେଶିନୀ ୧୧

## କଳିଙ୍ଗ ଓ ଯବଦେଶ (ଜାଭା) ବିଷୟକ ଏକ ଇତିହାସ ଓ କଳ୍ପନା ମିଶ୍ରିତ ଉପନ୍ୟାସ

## ୨୫ ଧଉଳିଗିରି ଦର୍ଶନ



ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଆମ୍ଭମାନଙ୍କ ଉତ୍ସାହିତ ଆନଂଦିତ ହେବାର ତଥା ଆମ୍ଭ ପ୍ରଶଂସାପୂର୍ଣ୍ଣ ବଚନ ଶୁଣି ମାର୍ଗ ଦର୍ଶକ ବିରାଟକ ବିଶେଷ ଉତ୍ସାହିତ ହୋଇ ତାଙ୍କର ବୀରପୂର୍ଣ୍ଣ ଭାବାବେଗରେ କଳିଂଗର ବୀରତ୍ୱ ଆମ୍ଭ ଆଗରେ ପରିବେଷଣ କରିବା ନିମିତ୍ତ ଆମ୍ଭମାନଙ୍କୁ ଏକାମ୍ରଠାରୁ ଅର୍ଦ୍ଧ ଯୋଜନ ଦୂରରେ ଥିବା ଧଉଳିଗିରି ବା ଧବଳଗିରି ଆଡକୁ ସହର୍ଷେ ନେଇ ଚାଲିଲେ। ଭୁବନେଶ୍ୱରର ଦକ୍ଷିଣ ଉପକଣ୍ଠରେ ଆମ୍ଭେ ଉପନୀତ ହେବା ମାତ୍ରେ ସେ ଆମ୍ଭର ବାମ ପଟକୁ ଦେଖାଇ କହିଲେ ଯେ, "ଏ ଗ୍ରାମ ହେଉଛି ଐତିହାସିକ ଶିଶୁପାଳଗଡ ଯାହାକି ପୂର୍ବରୁ ମୁଁ କହିଥିବା କଳିଂଗ ସମ୍ରାଟ ଖାରବେଳଙ୍କ ରାଜଧାନୀ ଥିଲା ବୋଲି ପଣ୍ଡିତମାନେ କହନ୍ତି। ଏଠାରେ ବର୍ତ୍ତମାନ ଭୂମିତଳେ ନଗରର ଅନେକ ଧ୍ୱଂସାବଶେଷ ରହିଅଛି। ଏଠାକାର ଆଉ ଏକ ମହତ୍ତ୍ୱ ହେଉଛି ଯେ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ନିର୍ମିତ ଗୋକର୍ଣ୍ଣେଶ୍ୱର ଶିବ ମଂଦିର ଏଠାରେ ଅବସ୍ଥିତ। ଗ୍ରାମକୁ ଯିବା ପଥ ବହୁତ ସଂକୀର୍ଣ୍ଣ ଓ କଷ୍ଟକର। ଏଣୁ ଏହା ମଧ୍ୟକୁ ନ ଯାଇ ଆମେ ବହୁତ ସମୟ ବଂଚାଇପାରିବା।" ଏହା କହି ସେ ଆଗକୁ ଅଳ୍ପ କିଛି ଦୂର ଅଗ୍ରସର କରି ଶ୍ରୀକ୍ଷେତ୍ର ପୁରୀ ଯିବାର ରାଜପଥକୁ ନେଇ ଚାଲିଲେ ଓ ସେଠାରେ ଆସୁଥିବା ଦୟାନଦୀର ଉତ୍ତର କୂଳରେ ଆମ୍ଭକୁ କିଛି ସମୟ ବିରାଟକଙ୍କ କ୍ଷୁଦ୍ରଭାଷଣ ଶୁଣିବାକୁ ହେଲା। "ଦେଖ ଏହି ଦୟାନଦୀ, ଏକ ଛୋଟ ନଦୀ ହେଲେ ମଧ୍ୟ ତାହାର ମହତ୍ତ୍ୱ ଯେ କେତେ ଅଧିକ ତାହା ଆଗରେ ଗଲେ ମୁଁ କହିବି। ବର୍ତ୍ତମାନ ବସନ୍ତ ଋତୁ ହେତୁ ଏହାର ଜଳପ୍ରବାହ ବହୁତ ନ୍ୟୁନ। ତେଣୁ ଆମ୍ଭେମାନେ ଆମ ଯାନରେ ନଦୀପାର ହୋଇଯିବା। ଏହାପରେ ଅଳ୍ପ କିଛି ଦୂରପରେ ରାଜପଥର ଦକ୍ଷିଣହସ୍ତପଟକୁ ଗତିକରି ଆମ୍ଭର ଦର୍ଶନୀୟ ଧଉଳି ଗିରିରେ ପହଞ୍ଚିବା। ତେଣୁ ନଦୀ ପାରି ହୋଇ ଅଗ୍ରସର ହୁଅ।" ଏପରି ବିରାଟକ କହିଲେ। ତଦନୁଯାୟୀ ଆମେ କ୍ଷୁଦ୍ର ଧଉଳି ପାହାଡର ଶୀର୍ଷ ଅଭିମୁଖେ ଯାତ୍ରା କଲୁ। କିନ୍ତୁ କିଛି ଉଚ୍ଚତାକୁ ପାହାଡ ଚଢିଲା ପରେ ମାର୍ଗଦର୍ଶକ ମହାଶୟ ଆମ୍ଭକୁ ଯାନରୁ ଅବତରଣ କରିବାକୁ କହିଲେ ଓ ଆରମ୍ଭ କଲେ ତାଙ୍କ ସାରଗର୍ଭକ ତଥ୍ୟଭିତ୍ତିକ ବକ୍ତବ୍ୟ।

"ଦେଖ ଏ ବନ ମଧ୍ୟସ୍ଥ ବୃକ୍ଷସମୂହ ମଧ୍ୟରେ ଅନେକ ପଥର ଉପରେ ଖୋଦିତ କରାଯାଇ ପାଲି ଭାଷାରେ କିପରି ଶିଳାଲେଖମାନ ପ୍ରକଟିତ ହେଉଛନ୍ତି। ଏହି ସବୁ ଶିଳାଲେଖ ମଗଧ ସମ୍ରାଟ ଅଶୋକଙ୍କ ଦ୍ୱାରା ନିର୍ମିତ ଓ ସ୍ଥାପିତ ହୋଇଅଛି। ତା'ପୂର୍ବରୁ ମୁଁ ଅଶୋକଙ୍କ ବିଷୟରେ ଦିପଦ କହୁଛି। ମହାନ୍ ସମ୍ରାଟ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଖ୍ରୀଷ୍ଟପୂର୍ବ ୪ର୍ଥ ଶତାବ୍ଦୀରେ ସମଗ୍ର ଭାରତ ବର୍ଷର ଅଧିକାଂଶ ଅଂଚଳରେ ସୁଶାସନରତ ଥିଲେ। ସେ ଜଣେ ସାଧାରଣ ଗ୍ରାମ୍ୟ ବାଳକ ଥିଲେ ଓ ତକ୍ଷଶିଳା ବିଶ୍ୱବିଦ୍ୟାପୀଠର ମହାନ୍ ଆଚାର୍ଯ୍ୟ କୌଟିଲ୍ୟ ବା ଚାଣକ୍ୟ ତାଙ୍କୁ ବାଳକ ଅବସ୍ଥାରୁ ଆଣି ଭାରତର ସମ୍ରାଟ କରିବାପାଇଁ ଶପଥ ନେଇ ପ୍ରଶିକ୍ଷଣ ଦେଇ ଫଳବତୀ ହୋଇଥିଲେ। କାରଣ ମଗଧରାଜ ନଂଦ ଚାଣକ୍ୟଙ୍କ ଅପମାନ କରିଥିଲେ ଓ ତା'ର ପ୍ରତିଶୋଧ ନେବାପାଇଁ ଆଚାର୍ଯ୍ୟ ଚାଣକ୍ୟ ନନ୍ଦରାଜାଙ୍କୁ ପରାଜିତ କରି ଚନ୍ଦ୍ରଗୁପ୍ତଙ୍କୁ ରାଜାସୀନ କରାଇଥିଲେ। ଚନ୍ଦ୍ରଗୁପ୍ତଙ୍କ ପରେ ତାଙ୍କ ପୁତ୍ର ବିନ୍ଦୁସାର ଶାସନ କଲେ। କିନ୍ତୁ ତାଙ୍କ ମୃତ୍ୟୁ ପରେ ତାଙ୍କର ଦାସୀପୁତ୍ର ଅଶୋକ ଖ୍ରୀ:ପୂ: ୨୬୮ରେ ସମସ୍ତ ରାଜକୁମାରଙ୍କୁ ହତ୍ୟାକରି ରାଜପଦରେ ଅଧିଷ୍ଠିତ ହେଲେ।"

ଅତି ଉତ୍ସୁକତାରେ ଆଚାର୍ଯ୍ୟ ଆର୍ଯ୍ୟଦତ୍ତ ପଚାରିଲେ "ମହାଶୟ ଆମ୍ଭେ ତ ଜାଣିଛୁ ଯେ ସମ୍ରାଟ ଅଶୋକ କଳିଂଗ ଯୁଦ୍ଧରେ ଅତିଶୟ ରକ୍ତପାତ ପରେ ବିଜୟ ଲାଭ କଲେ ମଧ୍ୟ ଏହି ନରହତ୍ୟା, ହିଂସାର ବିଭିଷିକା ଦର୍ଶନ କରିବାଦ୍ୱାରା ତାଙ୍କ ହୃଦୟ ପରିବର୍ତ୍ତନ ହୋଇଗଲା। ସେ ଅହିଂସାମାର୍ଗରେ ଜୀବନ ନିର୍ବାହ କରିବାପାଇଁ ବୌଦ୍ଧଧର୍ମରେ ଦୀକ୍ଷିତ ହେଲେ ଓ ଯୁଦ୍ଧଦ୍ୱାରା ରାଜ୍ୟଜୟ କାର୍ଯ୍ୟରୁ ଜୀବନ ତମାମ ନିବୃତ୍ତ ରହିଲେ। ସେ ସବୁ ବିଷୟରେ ଆମ୍ଭକୁ ଅବଗତ କରାଅ ଓ ସେ ସମସ୍ତ ସଂପୃକ୍ତ ସ୍ଥାନମାନ ଦେଖାଅ।"

ଶୁଣି ମାର୍ଗଦର୍ଶକ କହିଲେ, "ହେ ଗୁରୁଦେବ, ତୁମ୍ଭେ ଯାହାସବୁ କହିଗଲ ତାହା ହେଉଛି ସବୁଠାରେ ପଢା ହେଉଥିବା ଓ କୁହାଯାଉଥିବା ବିଷୟବସ୍ତୁ ଅଟେ। ମୁଁ ତାହା ଅଳ୍ପ ବିସ୍ତାର କରି କହୁଛି। ତା' ସତ୍ତ୍ୱେ ଅଶୋକଙ୍କ କଳିଂଗ ବିଜୟ ବିଷୟରେ ଆଉ ଏକ ପରିବର୍ତ୍ତିତ ମତବାଦ ଜଣାଇବି ଯାହା ଆଜିର ପ୍ରତିଷ୍ଠିତ ମତବାଦ ନ ହେଲେ ମଧ୍ୟ ତାହା ମଧ୍ୟ ଅନେକ ଶକ୍ତ ତଥ୍ୟ ଯୋଗେ ଆଧାରିତ ଓ ତେଣୁ ବିଚାରଯୋଗ୍ୟ। ଶୁଣ।"

''ସମ୍ରାଟ ହେଲାପରେ ଅଶୋକ ଅନେକ ଯୁଦ୍ଧ କରି ତାଙ୍କର ସାମ୍ରାଜ୍ୟ ଏତେ ବିସ୍ତାରିତ କଲେ ଯେ ଅତି ଅଳ୍ପ କିଛି ସ୍ଥାନ ବ୍ୟତୀତ ସମଗ୍ର ଭାରତବର୍ଷ ତାଙ୍କର ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ହୋଇଗଲା। କିନ୍ତୁ ତାଙ୍କ ମଗଧକୁ ଲାଗି ରହିଥିବା ବିତ୍ତଶାଳୀ ବୀରଦେଶ କଳିଙ୍ଗ କେବଳ ତାଙ୍କ ଶାସନାଧୀନ ନ ଥିଲା। କଳିଙ୍ଗ ଥିଲା ଭାରତ ବର୍ଷର ପୂର୍ବଦିଗରେ ଏକ ସ୍ୱାଧୀନ ରାଜ୍ୟ ଯାହା ପାଖରେ ଅନେକ ପଦାତିକ ବାହିନୀ ଓ ନୌସେନା ରହିଥିଲେ। ଏଠାରେ ଜଣାଇ ଯେଉଛି ଯେ ଅଶୋକଙ୍କ ପିତାମହ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ପୂର୍ବରୁ କଳିଂଗକୁ ଜୟ କରିବାର ପ୍ରଚେଷ୍ଟା କରିଥିଲେ। କିନ୍ତୁ କଳିଂଗର ସବଳ ସେନାଙ୍କ ପ୍ରବଳ ପ୍ରତିରୋଧ ହେତୁ ସେ ନିଜେ ଏ ପ୍ରଚେଷ୍ଟାରୁ କ୍ଷାନ୍ତ ହୋଇଥିଲେ। ତେଣୁ ସବୁ ରାଜ୍ୟ ଜୟ କଲାପରେ ଅଶୋକ କଳିଂଗ ଆକ୍ରମଣ କଲେ। ଯୁଦ୍ଧ ପ୍ରାୟ ଏକ ବର୍ଷ ଚାଲିଲା। ଅନେକ ସୈନ୍ୟ ମରିଲେ। ଯୁଦ୍ଧ ହୋଇଥିଲା ଖ୍ରୀ: ପୂ: ୭୫ରୁ ୨୬୧ରେ ଏହି ଦୟାନଦୀର ନିକଟଦେଶରେ। ଏହି ଦୟା ନଦୀକୁ ଆମେ ପାର ହୋଇ ଆସିଛେ। ଏଠାରୁ ଘନ ବନରେ ଯେଉଁ ଫାଙ୍କ ଅଛି ତା ମଧ୍ୟ ଦେଇ ସେ ଦୟାନଦୀକୁ ଦେଖ। ଅଶୋକ ଏହି ଶିଳାଲେଖରେ ଦର୍ଶାଇଛନ୍ତି ଯେ ରକ୍ତରେ ଏ ନଦୀ ଲାଲ୍ ବର୍ଣ୍ଣ ହୋଇଗଲା। ଅନେକ ଶବ ଏଣେ ତେଣେ ପଡି ରହିଥିଲା। ତେଣୁ ଶେଷରେ ଖ୍ରୀଷ୍ଟପୂର୍ବ ୨୬୨ରେ ସେ ବିଜୟ ଲାଭ କଲେ ମଧ୍ୟ ତାଙ୍କର ହୃଦୟ ପରିବର୍ତ୍ତନ ହୋଇଗଲା ଓ ସେ ଏହି ଧଉଳିଗିରିର ଶିଖରରେ ବୌଦ୍ଧଗୁରୁ ଉପଗୁପ୍ତଙ୍କଠାରୁ ବୌଦ୍ଧଧର୍ମ ଦୀକ୍ଷା ନେଇ ହିଂସା ପରିତ୍ୟାଗ କରି ଅହିଂସା ଆଚରଣ କରିବାକୁ ଶପଥ ନେଲେ। ଏଠାରୁ ଧଉଳିଗିରିର ଶୀର୍ଷ ଦେଶ ଦେଖ। ସେଠାରେ ବୃକ୍ଷଲତା ବ୍ୟତୀତ ଆଉ କିଛି ନାହିଁ। ସେଠାକୁ ଯିବାର ପଥ ମଧ୍ୟ ସଂକୀର୍ଣ୍ଣ, ବନ୍ଧୁର ଓ ଅତୀବ କଷ୍ଟକର। ମୋର ପରାମର୍ଶ ଯେ ଆମ୍ଭେ ପାଦରେ ସେଠାକୁ ଯାଇ ସମୟ ନଷ୍ଟ ଓ କଷ୍ଟ ନ କରିବା ଉତ୍ତମ ହେବ।"

ଆଚାର୍ଯ୍ୟ ମହୋଦୟ କହିଲେ, "ତୁମ୍ଭେ ଠିକ୍ କହୁଛ। ଏକ ରିକ୍ତ (ଖାଲି) ସ୍ଥାନକୁ ଏତେ ସମୟ ବ୍ୟୟ ଓ କଷ୍ଟ କରି ଯିବା ନାହିଁ। ତୁମ୍ଭେ କେବଳ ସେ କଳିଂଗ ବିଜୟର ଭିନ୍ନ ମତ ଆମ୍ଭକୁ କହିଦିଅ। ତା'ପରେ ଆମ୍ଭେ କଟକ ଅଭିମୁଖେ ଯାତ୍ରା ଆରମ୍ଭ କରିବା।"

ବିରାଟକ କହି ଚାଲିଲେ, 'ଦେଖ, ଯାହାସବୁ ପୋଥିପତ୍ରରେ କିଏ ଲେଖି ଦେଉଛି ବା ପଣ୍ଡିତମାନଙ୍କ ମୁଖରୁ ଶୁଣୁଛୁ, ଆମ୍ଭେ ତାହା ତୁମ୍ଭମାନଙ୍କ ପରି ବିଜ୍ଞ ପରିଦର୍ଶକଙ୍କୁ କହି ଦେଉଛୁ। ସତ୍ୟାସତ୍ୟ ତୁମ୍ଭେମାନେ ବିଚାର କରିବ। କହି ଦେଉଛି ଏକ ଦୁଇ ବର୍ଷ ତଳର କଥା। ଜଣେ ବିଜ୍ଞ ଜ୍ଞାନୀ ବ୍ୟକ୍ତି ମୋତେ ସାଥିରେ ଆଣି ଏ ଶିଳାଲେଖ ବିଷୟରେ ଅଧ୍ୟୟନ କରିବାକୁ ଆସିଲେ। ତାଙ୍କ ସହ ମୋର ଅନେକ ସମୟ ବାର୍ତ୍ତାଳାପ ହୋଇଥିଲା। ସେ ମହୋଦୟ ଯାହାସବୁ କହିଲେ ତା'ର ସାରାଂଶ ସଂକ୍ଷେପରେ କହୁଛି। ତୁମ୍ଭେମାନେ ବିଚାର କର।'

"ସେ ଜ୍ଞାନୀ ବ୍ୟକ୍ତି ମହାଶୟ କହିଲେ, "ଯାହା ମୁଁ କଳିଂଗ ଯୁଦ୍ଧ ଓ ଅଶୋକଙ୍କ କଳିଂଗ ଶାସନ ବିଷୟରେ ଅନୁଧ୍ୟାନ କରିଛି ତାହା କେବଳ ଅଶୋକ ଲେଖିଥିବା ଏହି ସବୁ ଶିଳାଲିପି ଆଧାରରେ ନିର୍ଣ୍ଣିତ ହୋଇଅଛି। ତାକୁ ସହାୟକ ହେଲାଭଳି ଆଉ କୌଣସି ଲିଖିତ ପ୍ରମାଣ ଉପଲବ୍ଧ ନୁହେଁ। ତେଣୁ ଶିଳାଲିପିକୁ ନିରପେକ୍ଷ ତଥ୍ୟ ବୋଲି କୁହାଯାଇପାରିବ ନାହିଁ। ସେ ଲେଖାରେ ଯେପରି ଅଶୋକ ନିଜର ମହିମାମଣ୍ଡନ କରିଅଛନ୍ତି, ସେଥିରୁ ସେ ଲେଖିଥିବା କଥା ଯେ ସତ୍ୟ ତାହା ବିଶ୍ୱାସ କରିହେବ ନାହିଁ। ତେଣୁ ତାଙ୍କ ତଥ୍ୟକୁ ସତ୍ୟ ବୋଲି ସ୍ୱୀକାର କରିବାକୁ ହେଲେ ପ୍ରାସଂଗିକ ବା ପାରିପାର୍ଶ୍ୱିକ ପରିସ୍ଥିତିକୁ ଅନୁଧ୍ୟାନ କରିବାକୁ ହେବ। ଏପରି କି ତାଙ୍କ ନିଜ ଲେଖାରେ ଥିବା ବିରୋଧାଭାସକୁ ମଧ୍ୟ ଅନୁଧ୍ୟାନ କରିବାକୁ ହେବ ଓ ଏସବୁ ଆଧାରରେ ଆମ ମନ୍ତବ୍ୟରେ ଉପନୀତ ହୋଇପାରିବା। ଯାହାସବୁ ମୁଁ କହିଲି ତାହାକୁ ପ୍ରଥମେ ଲେଖ ଓ ତା'ପରେ ମୁଁ ଯାହାସବୁ କହୁଛି ତା'ର ଶ୍ରୁତ ଲିଖନ କର। କାରଣ ତୁମ୍ଭେ ଜଣେ ଶିକ୍ଷିତ ଓ ଉତ୍ତମ ମାର୍ଗଦର୍ଶକ। ବହୁତ ଭ୍ରମଣକାରୀଙ୍କର ତୁମ୍ଭେ ପ୍ରତିଦିନ ମାର୍ଗଦର୍ଶନ କରୁଥିବ। ସେମାନଙ୍କୁ ମୁଁ ଯାହା ଯାହା କହିଲି ଓ କହିବାକୁ ଯାଉଛି ତାକୁ ଭଲଭାବେ ବୁଝାଇ ସେମାନଙ୍କୁ କହ। ତା'ଦ୍ୱାରା କଳିଂଗର ଗୌରବ ବୃଦ୍ଧି ପାଇବ। ଅଶୋକଙ୍କ ଏହି ଶିଳାଲେଖ ସଂପୂର୍ଣ୍ଣ ସତ୍ୟନୁହେଁ। କଳିଂଗ ଯୁଦ୍ଧର ପରିଣାମକୁ ମିଥ୍ୟା ଶବ୍ଦରେ ଲିଖିତ ହୋଇ ସ୍ରଷ୍ଟାର ମିଥ୍ୟା ଗୌରବ ବୃଦ୍ଧି କରି କଳିଂଗକୁ ନିମ୍ନ ଦେଖାଇ ଦିଆଯାଇଛି।"

ମାର୍ଗଦର୍ଶକ ବିରାଟକଙ୍କ ଏ ସବୁ ବ୍ୟାଖ୍ୟାନ ଆମ (କଲ୍ଲୋଳିନୀ ଓ ଅନ୍ୟମାନେ)ପାଇଁ ଅତୀବ ଆଗ୍ରହକର ଥିଲା। ଆମ୍ଭେମାନେ ତାହା ମନଦେଇ ଶୁଣିବା ସମୟରେ ମନରେ ଉତ୍କଣ୍ଠା ବୃଦ୍ଧି ହେଉଥିଲା। ତେଣୁ ବ୍ୟଗ୍ରତା ଦେଖାଇ ଆମ୍ଭ ଆଚାର୍ଯ୍ୟ ଆର୍ଯ୍ୟଦତ୍ତ ବିରାଟକଙ୍କୁ ପଚାରିଲେ, "ତୁମ୍ଭେ କ'ଣ କହୁଛ ଯେ ସେ ବିଜ୍ଞ ବ୍ୟକ୍ତିଙ୍କ ଗବେଷଣା ଆଧାରରେ ଅଶୋକ କଳିଂଗ ଯୁଦ୍ଧରେ ପରାଜୟ ଲାଭ କରିଥିଲେ ?" ତତ୍‌କ୍ଷଣାତ୍ ସ୍ମିତହସ ମୁଖରେ ବିରାଟକ କହିଲେ, " ମୁଁ ତାହା କହିନାହିଁ। ଯଦି ସେପରି ଅନୁମାନ କରୁଛନ୍ତି ତାହା ସେହିପରି କିଛି ଅଟେ। ମୁଁ ସେସବୁ ତଥ୍ୟ ଆଧାରରେ ବୁଝାଇକରି କହିବି। କିନ୍ତୁ ତୁମ୍ଭେ ଯଦି ଏହି ସିଦ୍ଧାନ୍ତ କ'ଣ ବୋଲି ଜାଣିବାକୁ ଚାହୁଁଛ ତେବେ ସଂକ୍ଷେପରେ କହୁଛି। ସେ ବିଜ୍ଞବ୍ୟକ୍ତି ମହାଶୟଙ୍କ କହିବା ହେଲା ଯେ ସମ୍ରାଟ ଅଶୋକ କଳିଂଗ ଯୁଦ୍ଧରେ ବିଜୟ ଲାଭ କରିନାହାନ୍ତି। ସେ ଯୁଦ୍ଧର ଫଳାଫଳ କଳିଂଗର ବିଜୟ ହୋଇପାରେ ବା ଅମିମାଂଶିତ ହୋଇପାରେ। ପୁନଃ ଏହି ଫଳାଫଳ ହେତୁ ମଗଧ କଳିଂଗ ମଧ୍ୟରେ ସନ୍ଧି ସ୍ଥାପନ କରି ଏ ଭୟାବହ ଯୁଦ୍ଧରୁ ତତ୍କାଳ ତଥା ଭବିଷ୍ୟତରେ ବିରତି ଲାଭ କରିବା ହୋଇପାରେ। ବର୍ତ୍ତମାନ ମୁଁ ବିଜ୍ଞବକ୍ତି ମହାଶୟଙ୍କ ସମସ୍ତ ତଥ୍ୟ ଉପସ୍ଥାପନା କରୁଅଛି। ସେ କହିଲେ ଓ ମୁଁ ଲେଖି ଚାଲିଲି।"

'ପୁଣିଥରେ କହୁଛି ଯେ ଆଉ କୌଣସି ପ୍ରମାଣ ନ ଥିବା ହେତୁ କେବଳ ଏହି ଶିଳାଲେଖ ଆଧାରରେ ଯୌକ୍ତିକତା ଭିତ୍ତିରେ ମୁଁ ଏ କଥା କହୁଅଛି। ଏହା ସତ୍ୟ ଯେ ଏ କଳିଂଗ ଯୁଦ୍ଧ ହୋଇଥିଲା। ଶିଳାଲିପି ଅନୁସାରେ ଏହା ବହୁଦିନ ବ୍ୟାପି ଖ୍ରୀ : ପୂ : ୨୬୧ରେ ସମାପ୍ତ ହେବା ମଧ୍ୟ ସତ୍ୟ ବୋଲି ବିଶ୍ୱାସ କରାଯାଇପାରିବ। ପୁନଶ୍ଚ ଅଶୋକ ଯୁଦ୍ଧର ଭୟାବହ ସ୍ଥିତି ଦେଖି ନିଜେ ହୃଦୟର ପରିବର୍ତ୍ତନ ଅନୁଭବ କରିବାଦ୍ୱାରା ଏହି ଧଉଳିଗିରିଠାରେ ବୌଦ୍ଧମୁନି ଉପଗୁପ୍ତଙ୍କଠାରୁ ବୌଦ୍ଧଧର୍ମ ଗ୍ରହଣ କରିବା ମଧ୍ୟ ସତ୍ୟ। କାରଣ ଅଶୋକ ଥିଲେ ବହୁ ସମ୍ମାନିତ ବୌଦ୍ଧଧର୍ମାବଲମ୍ବୀ ମହାନ୍ ସମ୍ରାଟ ଯେ କି ବହୁସଂଖ୍ୟକ ବୌଦ୍ଧ କୀର୍ତ୍ତି ଉତ୍ତର ଭାରତରେ କରିଯାଇଛନ୍ତି। କିନ୍ତୁ ସେ କଳିଂଗକୁ ଜୟ କରିପାରିନାହାନ୍ତି ବୋଲି ଅନେକ ତଥ୍ୟଭିତ୍ତିକ ପ୍ରମାଣ ରହିଅଛି। ତୁମ୍ଭେ ସେଗୁଡିକ ୧,୨,୩, ଆଦି କ୍ରମାଙ୍କରେ ଲେଖିଚାଲ। ମୁଁ ସଂକ୍ଷେପରେ ଡାକି ଦେଉଛି।

୧. ବୌଦ୍ଧଧର୍ମ ଗ୍ରହଣ କରି ମହାନ୍ ହୋଇଥିବା ଅଶୋକ ଅନେକ ସ୍ତୁପ, ସ୍ତମ୍ଭ ଆଦି ସ୍ମାରକୀ ଭାରତ ବ୍ୟାପି କରିଥିଲେ ମଧ୍ୟ ଯେଉଁ ଧଉଳିଠାରେ ସେ ନିଜର କ୍ରୁର ଶାସକ ଜୀବନ ପରିତ୍ୟାଗ କରି ଧର୍ମାବତାର ହେଲେ, ସେ ଧଉଳିରେ ଏପରି କିଛି ସ୍ମାରକୀ କାହିଁକି ତାଙ୍କ ସାରା ଜୀବନ କାଳରେ କଲେ ନାହିଁ ? କାରଣ ହୋଇପାରେ ଯେ ସେ କଳିଂଗ ବିଜୟ କରି ନ ଥିବାରୁ ତାଙ୍କ ମନରେ ଖେଦ ଥିଲା।

୨. ଯଦି ଅଶୋକ କଳିଂଗକୁ ଜୟକରି ଶାସନ କରୁଥିଲେ, ତେବେ ଯଉଗଡର ଗଡ (ଖ୍ରୀ : ପୂ : ୨୫୦) ଓ ଶିଳାଲେଖ ତଥା ଧଉଳି ଶିଳାଲେଖ ବ୍ୟତୀତ ତାଙ୍କର ଅନ୍ୟ କୀର୍ତ୍ତିକାହିଁକି ନାହିଁ ? ବୋଧହୁଏ ସେ କଳିଂଗ ସହ ସନ୍ଧି କରିଥିବା ହେତୁ କଳିଂଗ ଯୁଦ୍ଧର ୧୧ବର୍ଷ ପରେ ଆସି ଏ ଯଉଗଡ କୀର୍ତ୍ତିଟି କରିଅଛନ୍ତି।

୩. ଯଦି ସେ କଳିଂଗ ଜୟ କରିଥିଲେ, ସେ କାହିଁକି ତାଙ୍କର ରାଜଧାନୀ ଓ ଆଂଚଳିକ ପ୍ରଶାସନିକ କାର୍ଯ୍ୟାଳୟ ବିଷୟରେ ଲେଖି ଯାଇ ନାହାଁନ୍ତି ? ତାଙ୍କ ପୂର୍ବରୁ କଳିଂଗରେ ଶିଳାଲେଖ ଲେଖିବା ପ୍ରଥା ନ ଥାଇପାରେ, ତେଣୁ କଳିଂଗର ରାଜଧାନୀ ଆଦି ବିଷୟରେ ଉଲ୍ଲେଖ ନ ଥିବା ସ୍ୱାଭାବିକ। କିନ୍ତୁ ସେ କାହିଁକି ତା' ବିଷୟରେ ଲେଖିଲେ ନାହିଁ ?

୪. ଅଶୋକ ଯଦି କଳିଂଗ ସେନାକୁ ପରାସ୍ତ କଲେ, ତେବେ ସେମାନଙ୍କ ନେତା ତଥା ମହାରାଜ କିଏ ଥିଲେ ବୋଲି ସେ କାହିଁକି ଏହି ଶିଳାଲେଖରେ ଲେଖିଲେ ନାହିଁ ? କୌଣସି ଯୁଦ୍ଧର ଫଳାଫଳ ଲେଖାହେଲାବେଳେ ସର୍ବଦା ବିଜୟୀ ରାଜାମାନେ ପରାଜୟୀ ରାଜାର ନାମ ଲେଖିଥାନ୍ତି। କେତେ ପଣ୍ଡିତ କହନ୍ତି ଯେ କଳିଂଗରେ ସ୍ୱାୟତ୍ତ ଶାସନ ଥିଲା। ଯଦିଥିଲା, ବିନା ମୁଖ୍ୟରେ କ'ଣ ଏ ଗଣତାନ୍ତ୍ରିକ ବା ସାମନ୍ତବାଦୀ ଶାସନ ଏତେ ବଡ ରାଜ୍ୟରେ ହୋଇପାରିବ ?

୫. ଅଶୋକ ଶିଳାଲେଖରେ ଲେଖିଛନ୍ତି ଯେ କଳିଂଗ ସୈନ୍ୟ ଏକ ଲକ୍ଷ ମୃତ ହେଲେ, ଦେଢଲକ୍ଷ ବଂଦି ହେଲେ ଓ ଆଉ ଅନେକ କ୍ଷତ ବା ଅନ୍ୟ କାରଣରୁ ମୃତ୍ୟୁ ବରଣ କଲେ। ତେଣୁ ଅନୁମାନ କରାଯାଇପାରିବ ବିଭିନ୍ନ କାରଣରୁ ପ୍ରାୟ ଚାରିଲକ୍ଷ ସୈନ୍ୟ କଳିଂଗ ହରାଇଲା। କିନ୍ତୁ ଅଶୋକଙ୍କର କେବଳ ୧୦,୦୦୦ ସୈନ୍ୟ ମଲେ। ଏହା କ'ଣ ବିଶ୍ୱାସଯୋଗ୍ୟ ? କଳିଂଗର ଆକାର ଓ ଜନସଂଖ୍ୟା ସେତେବେଳେ ଯେତେ ଥିଲା ତଦନୁଯାୟୀ କ୍ରମାଗତଭାବେ ଏତେ ସୈନ୍ୟ ମଲାପରେ କଳିଂଗ କ'ଣ ଯୁଦ୍ଧପୁରୁଷ ଶୂନ୍ୟ ହୋଇଗଲା ଓ ତେଣୁ ବାହାରରୁ ପୁରୁଷ ସୈନ୍ୟ ଅଣାଯାଉଥିଲା ? ତେଣୁ କେଉଁ ଶାସକ ନାରୀବହୁଳ କଳିଂଗକୁ ଶାସନ କରୁଥିଲା ? କଳିଂଗ କିପରି ଆଜି ପର୍ଯ୍ୟନ୍ତ ତିଷ୍ଠି ରହିଲା ?

୬. ଯଦି ଅଶୋକଙ୍କ କେବଳ ୧୦,୦୦୦ ସୈନ୍ୟ ମରି କଳିଂଗର ଏତେ ସୈନ୍ୟଙ୍କୁ ମାରିପାରିଥିଲେ, ଏ ଯୁଦ୍ଧ କାହିଁକି ଆନୁମାନିକ ଖ୍ରୀ : ପୂ : ୨୬୨ରୁ ୨୬୧ ମଧ୍ୟରେ ଏତେ ସମୟ ଧରି ଚାଲିଲା ? ଏତେ ପରାକ୍ରମୀ ମଗଧ ସୈନ୍ୟ ଅଳ୍ପକିଛି ଦିନ ମଧ୍ୟରେ ସବୁ ନିପାତ କରିଦେଇଥାଆନ୍ତେ।

୭. ଏ ଶିଳାଲେଖ କହୁଛି ଯେ ଏତେ ଲକ୍ଷଲକ୍ଷ (ପ୍ରାୟ ୪ ଲକ୍ଷ) ସୈନ୍ୟ ମରିଗଲେ। ତେବେ ପୃଥିବୀର ଏହା ହେଉଛି ସବୁଠାରୁ ବଡ ଯୁଦ୍ଧ। ତେବେ ଏହାପରେ ହୁଏନ୍‌ସାଂ ପରି ଅନେକ ବିଦେଶୀ ପରିବ୍ରାଜକ କଳିଂଗ ଆସି ନିଜ ଭ୍ରମଣ କାହାଣୀରେ ଅନେକ ବିଶଦ ବିବରଣୀ ଦେଇଛନ୍ତି। କିନ୍ତୁ ଏ ବିଶ୍ୱଶ୍ରେଷ୍ଠ କଳିଂଗ ଯୁଦ୍ଧ ବିଷୟରେ ଲେଖିବାକୁ ସେମାନେ କାହିଁକି ଭୁଲିଗଲେ ?

୮. ସେ ପୁଣି ଲେଖିଛନ୍ତି ଯେ ସେ ତାଙ୍କ ସୈନ୍ୟମାନଙ୍କୁ ସାଥିରେ ନେଇ ପ୍ରତ୍ୟାବର୍ତ୍ତନ କରିଥିଲେ। ତେଣୁ ସେ ବିଜେତା ହୋଇଥିଲେ ବିଜିତ ଦେଶରେ ସେମାନଙ୍କୁ ବହୁ ସଂଖ୍ୟାରେ ନ ରଖି ଏକ ବିଶାଳ ସେନାକୁ ନେଇ କାହିଁକି ନିଜ ରାଜ୍ୟକୁ ଗଲେ ?

ତେଣୁ ଏହା ସତ୍ୟ ଯେ ଅଶୋକଙ୍କ ଶିଳାଲେଖ ଅନେକ ମିଥ୍ୟାରେ ଭରପୂର ଓ ତେଣୁ ଏହା ବିଶ୍ୱାସଯୋଗ୍ୟ ନୁହେଁ। ନିରପେକ୍ଷ ପ୍ରମାଣ ବିନା ଏହା କୁହାଯାଇ ପାରିବ ଯେ ଅଶୋକ କଳିଂଗରୁ ହାରି କରି ବା ଅମିମାଂଶିତ ଯୁଦ୍ଧ ହେତୁ ଅନେକ ସୈନ୍ୟ ହରାଇ କଳିଂଗ ସହ ସନ୍ଧି କରି ନିଜ ରାଜଧାନୀ ଯାଇଛନ୍ତି।

ଏହା ଶୁଣି ମୁଁ (ବିରାଟକ) ନିର୍ବାକ ହୋଇଗଲି ଓ ତାଙ୍କୁ ବଚନ ଦେଲି ଯେ ଏ ମତବାଦର ପ୍ରଚାର ପ୍ରସାର କରିବି ବୋଲି। ଏଠାରେ ମୋର ସେବା ପରିସମାପ୍ତି ହେଲା। ତୁମ୍ଭମାନଙ୍କୁ ଏଠାରୁ ପୁରୀ-କଟକ ରାଜପଥକୁ ନେଇ ଏକାମ୍ରର ଉପାନ୍ତ ଅଂଚଳ ପର୍ଯ୍ୟନ୍ତ ତୁମ୍ଭ ସହିତ ମୁଁ ଯିବି ସେଠାରୁ ତୁମ୍ଭେ କଟକ ଗମନ କରିବ। ନମସ୍କାର।"

ଆମ୍ଭେମାନେ ନିର୍ବାକ୍ ହୋଇ ବିରାଟକଙ୍କ ତଥ୍ୟପୂର୍ଣ୍ଣ ବର୍ଣ୍ଣନାକୁ ପ୍ରଶଂସା କରି କଟକ ଯିବା ପଥରେ ଏକ ପଥିକ ନିବାସରେ ରାତିଯାପନ କଲୁ।

(କ୍ରମଶଃ)

(ବି : ଦ୍ର :- ଅଶୋକଙ୍କ କଳିଂଗ ଯୁଦ୍ଧରେ ବିଜୟ ନ ହୋଇଥିବା ସମ୍ବନ୍ଧରେ ଯାହାସବୁ ଲେଖାଯାଇଅଛି, ତାହା ସଂପୂର୍ଣ୍ଣ ଭାବେ ଲେଖକଙ୍କ ନିଜସ୍ୱ ମତ, ଯାହା ପାଠକଙ୍କ ପକ୍ଷେ ବିଚାରଯୋଗ୍ୟ)

# ଓଡିଆ ରୀତିଯୁଗ କାବ୍ୟର ଅନନ୍ୟ ବିନ୍ଧାଣୀ—କବି ଯଦୁମଣି



ଉମାଶଙ୍କର ପ୍ରସାଦ
ସମ୍ପାଦକ,
ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ- ୬୩୭୦୬ ୭୫୫୬୨

କବି ଯଦୁମଣି ଓଡିଆ ରୀତିଯୁଗର ଶାଶ୍ୱତ ସାରସ୍ୱତ ଶିଳ୍ପୀ ତଥା ଅନନ୍ୟ ବିନ୍ଧାଣୀ ଥିଲେ। କାବ୍ୟଯୁଗର ସୁମୋହନ ମଧୁର ମୂର୍ଚ୍ଛନା କ୍ଷୀଣତର ହେବା ଅବସରରେ ଯଦୁମଣି ଏହାକୁ ସଂଜୀବିତ କରିଥିଲେ। ନିହାଣ ଓ ବାରିଶିର କର୍କଶ ଧ୍ୱନିମୟ ବଳୟ ଭିତରେ ନିମଜ୍ଜମାନ ନ ହୋଇ ସଂଗୀତ ରାଜ୍ୟର ଭାବମୟ ଇଲାକାରେ ସେ ଅବଗାହନ କରିଥିଲେ। କବି ସ୍ୱୟଂ ନିଜ ଜୀବିକା ବିଷୟରେ ଲେଖିଛନ୍ତି:- "ସର୍ବଦା ଜୀବିକା ମୋ ଠକ ଠକ। ସଙ୍ଗାଳି ମୋର ବାରିସି ପଟକ।" ଏହି ସାହିତ୍ୟ ସାଧକଙ୍କର ଜନ୍ମ ହୋଇଥିଲା ଗଂଜାମ ଜିଲ୍ଲାର ଆଠଗଡ ତାଲୁକାସ୍ଥ ମଥୁରା ଗ୍ରାମରେ ୧୭୮୩ ମସିହା ଜାନୁଆରୀ ୮ ତାରିଖରେ। ପିତାଙ୍କ ନାମ ଥିଲା ମୁକୁନ୍ଦ ମହାପାତ୍ର ଯାହାଙ୍କର କୌଳିକ ବୃତ୍ତି ଥିଲା ପାଷାଣ କାଟି ମୂର୍ତ୍ତି ଗଢିବା ବା କାଠରେ ପ୍ରତିମା ନିର୍ମାଣ କରିବା। ତାଙ୍କ ପତ୍ନୀ ଶୋଭା ଦେବୀ ନିଜ ସ୍ୱାମୀଙ୍କ ହାତ ତିଆରି ଦାରୁ ନିର୍ମିତ "ଯଦୁ କୃଷ୍ଣ" ମୂର୍ତ୍ତିକୁ ଆରାଧନା କରି ପୁତ୍ର ସନ୍ତାନ ଲାଭ କରିବାରୁ ତାର ନାମ ଦେଲେ ଯଦୁମଣି। ଆଠଗଡ ରାଜ୍ୟରେ ଚୋରମାନଙ୍କ ଉପଦ୍ରବ ଯୋଗୁ ସେ ତାଙ୍କର ସର୍ବସ୍ୱ ହରାଇ ନିଜେ ଜଣେ ଦୈନିକ ମଜୁରୀ କରି ପରବାର ପ୍ରତିପୋଷଣ କରୁଥିଲେ। ଏହିପରି ଭାବରେ ଭୋକ ଉପାସରେ ରହି କାଳାତିପାତ କରିବା ସମୟରେ ନୟାଗଡର ରାଜା ପଥରରେ ଏକ ମୂର୍ତ୍ତି ନିର୍ମାଣ କରିବାକୁ ମୁକୁନ୍ଦଙ୍କୁ ଡକାଇ ପଠାଇଲେ। ରାଜାଙ୍କ ଆଦେଶାନୁସାରେ ମୁକୁନ୍ଦ ମହାପାତ୍ର ନିଜ ପତ୍ନୀ ଶୋଭାଦେବୀ ଓ ପୁତ୍ର ଯଦୁମଣିଙ୍କୁ ନେଇ ନୟାଗଡ ଆସିଥିଲେ। ଏହି ମହାନ ସାରସ୍ୱତ ସାଧକଙ୍କ ୪ବର୍ଷ ୪ମାସ ୪ଦିନରେ ଖଡିଛୁଆଁ ହୋଇଥିଲା। ଉପେନ୍ଦ୍ର ଭଞ୍ଜଙ୍କ ପରି କୌଣସି ଦୈବୀ ଶକ୍ତିଙ୍କ ସିଦ୍ଧିଲାଭ କରିବାକୁ ସେ ଆଗ୍ରହୀ ଥିଲେ। ତାଙ୍କର ଗୁରୁଥିଲେ ପଣ୍ଡିତ ବିଦ୍ୟାକର ମହାପାତ୍ର। ବିଦ୍ୟାକର ନିଜ ପ୍ରିୟ ଶିଷ୍ୟ ଯଦୁମଣିଙ୍କୁ ଘୁମୁସରର କବିରାଜ ବାହିନୀପତିଙ୍କ ନିକଟକୁ ପଠାଇଥିଲେ। ଯଦୁମଣି ଗୁରୁଙ୍କ ଆଦେଶରେ ବିଷ୍ଣୁଚକ୍ର ନାମକ ଗ୍ରାମରେ କବିରାଜ ବାହିନୀପତିଙ୍କୁ ଦେଖାକଲେ। ବାହିନୀପତିଙ୍କ ପ୍ରଦତ୍ତ ମନ୍ତ୍ରକୁ ସିଦ୍ଧ କରିବା ପାଇଁ ସାଧନାରେ ମଗ୍ନ ହେଲେ। ତନ୍ଦ୍ରା ଅବସ୍ଥାରେ ଅଶ୍ୱମୁଖୀ ବିଶିଷ୍ଟ 'ହୟଗ୍ରୀବ' ତାଙ୍କ ସମ୍ମୁଖରେ ଉଭା ହୋଇ ପଣ୍ଡିତ ହେବାକୁ ବର ଦେଲେ। ଭଗବାନ ହୟଗ୍ରୀବଙ୍କ ଏପରି ବିଚିତ୍ର ରୂପ ଦେଖି ସେ ତାଙ୍କ କବିଚାତୁରିରେ ତାଙ୍କୁ ପରିହାସ କରିବାରୁ ଭଗବାନ ହସିଦେଇ କହିଥିଲେ ବତ୍ସ ତୁ ମୋତେ ମଧ୍ୟ ପରିହାସ କଲୁ। ଯାଅ ଆଜିଠାରୁ ତୁ ହାସ୍ୟରସିକ କବି ଭାବେ ସମାଜରେ ଖ୍ୟାତି ଲାଭ କରିବୁ କହି ଅନ୍ତର୍ଦ୍ଧାନ ହୋଇଗଲେ। ହୟଗ୍ରୀବଙ୍କ ପ୍ରସାଦରୁ ଏହି ଦୁର୍ଲ୍ଲଭ କବିତ୍ୱ ଲାଭ କରି ସେ ନିଜକୁ 'ଉତ୍କଳ ଘଣ୍ଟ' ନାମରେ ପରିଚିତ କରିବା ସହ କହିଥିଲେ:- " ହୟଗ୍ରୀବ ମହାପ୍ରଭୁ ପ୍ରତାପେ, ଥୋଡା ନୁହେଁ ଲୋଡା କରନ୍ତି ନୃପେ। ଯୋଡା ହେବା ମୋ ପ୍ରୌଢା କବିତାକୁ, ବଳି ବଳି ରସ ଦାନୀ କର୍ଣ୍ଣକୁ / ଭଲେ ଭଲ, ଖଣ୍ଟେ ଖଣ୍ଟ ଯେ, ନବ ଦୁର୍ବାଦଳ ଶ୍ୟାମଳ କୃପାରୁ ମୋ ନାମ ଉତ୍କଳ ଘଣ୍ଟ ଯେ।"

ଏ ଉକ୍ତିଟି ସତ୍ୟ ଯାହା ହେଲା 'ବିନା ଆଶ୍ରେ ନବଞ୍ଚନ୍ତି କବିତା ବନିତା ଲତା' ବିନା ଆଶ୍ରାରେ କବି, କବିତା, ବନିତା ଓ ଲତା ଫଳପ୍ରଦ ହୋଇନଥାନ୍ତି। ଯାହା କବିସମ୍ରାଟ ଉପେନ୍ଦ୍ରଭଞ୍ଜ , କବି ଯଦୁମଣିଙ୍କ କ୍ଷେତ୍ରରେ ପ୍ରମାଣିତ ହୋଇଛି। ପିଲାଟି ଦିନରୁ ସେଥିଲେ ଜଣେ ପ୍ରତ୍ୟୁତ୍ପର୍ଣ୍ଣ ମତିର ବାଳକ । ତାଙ୍କ ଜୀବନର ଦୁଇଟି ଘଟଣା ତାଙ୍କୁ ନୟାଗଡ ରାଜାଙ୍କ ସହିତ ପରିଚୟ କରାଇଥିଲା। ଯାହାଥିଲା – 'ଥରେ ଗୋଟିଏ ଗଉଡୁଣି ତାଙ୍କ ଦୁଆରରେ ଦହି, ଛେନା ବିକୁଥିଲା। ଗଉଡୁଣୀକୁ ଶିଳଶ ଯୋଗୁ ସେ ତା ଲୁଗା କାନିରେ ଶିଙ୍ଘାଣୀ ପୋଛିବାରୁ ଯଦୁମଣି ତାହାକୁ ଶିଙ୍ଘାଣୀ ପୋଛା କନା କହି ନିଜ ଶିଙ୍ଘାଣୀ ସେଥିରେ ପୋଛିବାରୁ ସେ ରାଜାଙ୍କ ପାଖରେ ଅଭିଯୋଗ କଲା ମାତ୍ର ଯଦୁମଣି କୌଣସି ମତେ ସେଥିରୁ ରକ୍ଷା ପାଇଗଲେ। ଆଉ ଗୋଟିଏ ଘଟଣା ଜଣେ ତେଲୀ ମହାଜନ ରାଜାଙ୍କ ଠାରୁ ଅର୍ଥ ଆଣି ପ୍ରଜାଙ୍କ ବେଠିରେ ଦେବତାଙ୍କର ମଣ୍ଡପ ନିର୍ମାଣ କଲା। କିନ୍ତୁ ଉକ୍ତ ମଣ୍ଡପଟିକୁ ସେ ନିଜ ନାମରେ ପ୍ରତିଷ୍ଠା କରିବାକୁ ବସନ୍ତେ ଯଦୁମଣି ଏକ କବିତା ଲେଖି ପିଲାଙ୍କୁ ଶିଖାଇ ବୋଲାଇଲେ। ଯଦୁମଣିଙ୍କ କବିତାର ମର୍ମ ବୁଝିବାରୁ ସେ ଯଦୁମଣିଙ୍କୁ ପ୍ରଶଂସା କରିଥିଲେ। ୧୮୦୮ ମସିହାରେ ତାଙ୍କ ପିତା ମୁକୁନ୍ଦ ମହାପାତ୍ରଙ୍କ ନିଧନ ହୋଇଥିଲା। ମାତ୍ର ନିଜ ପିତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ହାତରେ ଧନ ନଥିଲା। କିନ୍ତୁ ହୟଗ୍ରୀବଙ୍କ ଆଶୀର୍ବାଦରୁ ତାଙ୍କର ତୀକ୍ଷ୍ଣ ବୁଦ୍ଧି ଥିଲା। ସେ ନିଜର ସର୍ବାଙ୍ଗକୁ ବସ୍ତ୍ରରେ ଆବୃତ କରି ରାଧାମୋହନଙ୍କ ମନ୍ଦିର ଦୁଆରେ ଶୋଇ ରହିଲେ। ପଣ୍ଡାମାନେ ଆସି ଯେତେ ବିନତି କରି ଉଠିବାକୁ କହିଲେ ମଧ୍ୟ ସେ କର୍ଣ୍ଣପାତ କରି ନଥିଲେ। ତାଙ୍କ ଯୁକ୍ତି ଥିଲା, ଯେ ହେତୁ ରାଧାମୋହନଙ୍କ ମୂର୍ତ୍ତି ତାଙ୍କର ପିତା ନିର୍ମାଣ କରିଥିବାରୁ ସେ ତାଙ୍କର ଭାଇ ସଦୃଶ ଓ ନିଜ ପିତାଙ୍କ ଶୁଦ୍ଧି କାର୍ଯ୍ୟ ପାଇଁ ପୁତ୍ର ହିସାବରେ ରାଧାମୋହନ ଦୁଇଶହ ଟଙ୍କା ଦେବା ଉଚିତ। ରାଜାଙ୍କ କାନକୁ ଏ କଥା ଯିବାରୁ ରାଜା ଯଦୁମଣିଙ୍କ ଯୁକ୍ତିରେ ପ୍ରୀତ ହୋଇ ଦୁଇଶହ ଟଙ୍କା ଦେବାରୁ ପିତାଙ୍କ ଶୁଦ୍ଧିକ୍ରିୟା ମହାସମାରୋହରେ ଅନୁଷ୍ଠିତ ହୋଇଥିଲା। ଏହିଭଳି ଅନେକ କବିତା ରଚନା ତଥା ନିଜର ବଳିଷ୍ଠ ଯୁକ୍ତି ବଳରେ ସେ ସମସ୍ତଙ୍କର ହୃଦୟ ଜିଣି ପାରିଥିଲେ। ଶାସ୍ତ୍ର ଚର୍ଚ୍ଚାରେ ସେ ଶାସ୍ତ୍ରଜ୍ଞ ଚକ୍ରପାଣିଙ୍କୁ ହରାଇବାରୁ ନୟାଗଡ ରାଜା ତାଙ୍କୁ ନିଜ ରାଜ ସଭାରେ ଯୋଗ୍ୟ ଆସନ ଦେବା ସହିତ ଏକ ବାଟି ନିଷ୍କର ଜମି ଦାନ କରିଥିଲେ। କିନ୍ତୁ ରାଜାଙ୍କ ବେବର୍ତ୍ତା ଚକ୍ରାନ୍ତ କରି ଗୋଟିଏ ଅତି ଟାଙ୍ଗରା ଡିପ ଜମି ଯଦୁମଣିଙ୍କ ନାମରେ କରିଦେଲେ। ଯଦୁମଣି ଏହା ଜାଣିପାରି ରାଜାଙ୍କୁ ନିଜ କବିତା ମାଧ୍ୟମରେ ଜଣାଇଲେ ଯାହା ଥିଲା:- " ଦେଉ ଆଜ୍ଞା ଦେଲେ ହରଷେ / କରଣ ତା କଲେ ବରଷେ / ବାଛି ବାଛି କରି ଦେଲେ ପଡିଆ / ଶ୍ରାବଣ ମାସରେ ଭାଙ୍ଗେ ନଡିଆ- ଏମନ୍ତ ସେ ଭୂଇଁ , ଚାକୁଣ୍ଡା ବୁଣିଲେ ଉଠଇ ନାହିଁ"। ରାଜା ଏହାର ତଦନ୍ତ କରି ସତ୍ୟତା ଜାଣିବାରୁ ସେ ତାଙ୍କୁ ଏକ ବାଟି ମୂଲ୍ୟବାନ ଦୋଫସଲି ଜମି ଦେଇଥିଲେ। ଯଦୁମଣି କେବଳ କବି ନଥିଲେ ଥିଲେ ଜଣେ ମହାନ ଦେଶ ପ୍ରେମୀ। ୧୮୧୭ ମସିହାରେ ଖୋର୍ଦ୍ଧାରେ ବିଦ୍ରୋହ ସମୟରେ ତାଙ୍କର ବକ୍‌ସି ଙ୍କ ସହିତ ବାଉଁସିଆ ପଡାସ୍ଥ ଏକ ଅରଣ୍ୟରେ ଭେଟ ହୋଇଥିଲା। ବକ୍ସିଙ୍କ କାର୍ଯ୍ୟପ୍ରତି ଯଦୁମଣିଙ୍କ ସମର୍ଥନ ଥିଲା। ସେ ନୟାଗଡର ରାଜା ବିନାୟକଙ୍କୁ ଜଣାଇ ପ୍ରଭୂତ ଅର୍ଥ, ସାମଗ୍ରୀ ସାହାଯ୍ୟ କରିଥିଲେ। ତାଙ୍କର ପ୍ରରୋଚନାରେ ରଣପୁର ରାଜା ବଜ୍ରଧର ନରେନ୍ଦ୍ର ବକ୍‌ସିଙ୍କୁ ସାହାଯ୍ୟ କରିଥିଲେ। ୧୮୧୭ର ବିଦ୍ରୋହର ଅବ୍ୟବହିତ ପୂର୍ବରୁ ଯଦୁମଣି ତାଙ୍କର ସ୍ତ୍ରୀ, ଶାଳୀ, ଶଶୁ, ଶଳା, ଶଳା ଭାଉଜଙ୍କ ସହ ପୁରୀ ଯାଇଥିଲେ। ସିଂହଦ୍ୱାରଠାରେ ଗଜପତି ମହାରାଜାଙ୍କ ସହିତ ତାଙ୍କର ସାକ୍ଷାତ ହେଲା। ସେ ହାସ୍ୟ ରସିକ ଭାବେ ତାଙ୍କୁ ଜାଣି ତାଙ୍କର ଇଚ୍ଛା କଣ ପଚାରନ୍ତେ, ଯଦୁମଣି ବହୁଲୋକ ମଧ୍ୟରେ କବିତାଟିଏ ଗାଇଲେ— ଯାହାଥିଲା " ଧନୁ ମାସ ହେଲା ହନୁ ନ ଚଳିଲା / କହିବାକୁ ବଡ ଲାଜ, ମୁଁ ଆଁ କରିଛି ମୁଆଁ ଖାଇବାକୁ ଦେବା ହେଉ ମହାରାଜ।" ସର୍ବ ସାଧାରଣ ବୁଝିଲେ ଯଦୁମଣି ମୁଆଁ ଖାଇବାକୁ ଚାହିଁଛନ୍ତି। କିନ୍ତୁ ରାଜା ଦୁର୍ବଳ ହୋଇ ପଡିଛନ୍ତି ଓ ତାହା କହିବାକୁ ଲଜ୍ଜା ଅନୁଭବ କରୁଛନ୍ତି ବୋଲି ଅନ୍ୟ ଅର୍ଥରେ ବୁଝାଉଥିଲା। ନୟାଗଡ ରାଜା ଦିନେ ଯଦୁମଣିଙ୍କୁ ହରାଇବା ପାଇଁ ସର୍ବ ସମ୍ମୁଖରେ କହଲେ 'ତୁ ଗୋଟିଏ କୁକୁର'। ଯଦୁମଣି ସଙ୍ଗେ ସଙ୍ଗେ ଅତି ନମ୍ରଭାବରେ କହିଥିଲେ ହଁ ମଣିମା 'ଛାମୁ ତୁଳସୀ ଗଛ'। ତୁଳସୀ ଗଛ କହିବାରୁ ରାଜା ପ୍ରଥମେ ଖୁସୀ ହୋଇଥିଲେ ମଧ୍ୟ ସେ ହାରିଗଲେ ବୋଲି ଭାବିଥିଲେ। କୁକୁର ତୁଳସୀ ଗଛ ଉପରେ ମୂତିଥାଏ। ରାଜା ମନେ ମନେ ଲଜ୍ଜିତ ହେଲେ। ଏହିଭଳି ଦ୍ୱିଅର୍ଥ ବୋଧକ ଶବ୍ଦ ଉପସ୍ଥାପିତ କରିବାରେ ସେ ଥିଲେ ବିଚକ୍ଷଣ। ଏହିଭଳି ଅନେକ ରଚନାକୁ ବାଦ ଦେଇ ତାଙ୍କର ଦୁଇଟି ମହାନ କାବ୍ୟ ରାଘବ ବିଳାସ ଓ ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର ଆଜି ଉତ୍କଳର ବାଣୀ ଭଣ୍ଡାରକୁ ଅମୂଲ୍ୟ ଅବଦାନ। "ରାଘବ ବିଳାସ ରାମଙ୍କ ଚରିତ୍ରକୁ କେନ୍ଦ୍ରକରି ରଚିତ। ଏହା ଅଳଙ୍କାରପୂର୍ଣ୍ଣ ଓ ଅଧିକ ଚାତୁର୍ଯ୍ୟ ସମ୍ପନ୍ନ। ରାମଚନ୍ଦ୍ରଙ୍କ ବର୍ଣ୍ଣନା କରି ସେ କହିଛନ୍ତ "ଦରିଦ୍ର ନାଶିଣ ହରିକି ହରି ହରି ଆସନେ / ହରି-ବିଭୀଷଣ ମଇତ୍ର ଘେନି ବସି ସଘନେ।" ଯଦୁମଣିଙ୍କ ମତରେ ଦୁଇ ପ୍ରକାର ପୂର୍ଣ୍ଣଚନ୍ଦ୍ର ହୁଏ। ଭୌତିକ ପୂର୍ଣ୍ଣଚନ୍ଦ୍ର ଓ ଆଧ୍ୟାତ୍ମିକ ପୂର୍ଣ୍ଣଚନ୍ଦ୍ର। ରୁକ୍ମିଣୀ ଭୌତିକ ପୂର୍ଣ୍ଣ ଚନ୍ଦ୍ର। ଶ୍ରୀକୃଷ୍ଣ ହେଉଛନ୍ତି ଆଧାତ୍ମିକ ପୂର୍ଣ୍ଣଚନ୍ଦ୍ର। ଦୁହିଁଙ୍କ ମିଳନରେ ପୁରୁଷାର୍ଥ ଓ ପରମାର୍ଥିକ ଦୁଇ ପୂର୍ଣ୍ଣ ଚନ୍ଦ୍ର। କାବ୍ୟଟି ଯଦିଓ ସଂକ୍ଷିପ୍ତ ମାତ୍ର ଅଳ୍ପ କଥାରେ ବିସ୍ତୃତ ଅନୁଭୂତିର ଚମତ୍କାର ଚିତ୍ର ଉପଲବ୍ଧି ହୋଇଥାଏ। ଉକ୍ତ କାବ୍ୟ ଦ୍ୱୟରେ ନୈସର୍ଗିକ କାବ୍ୟକଳା, ପାଣ୍ଡିତ୍ୟ, ଆଳଙ୍କାରିତା, ପୌରାଣିକତା, ଅର୍ଥପୂର୍ଣ୍ଣ ଓ ଶବ୍ଦାଡମ୍ବର କାବ୍ୟରୁଚି ପ୍ରତିଫଳିତ। ଆଜି ସେହି ମହାନ ହାସ୍ୟରସିକ କବିଙ୍କର ଜନ୍ମ ଜୟନ୍ତୀରେ ଏ ଲେଖକର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶିଷ ରାୟ

# ରୋହିତଙ୍କ ପରେ ବୁମ୍ରା ହେବେ ଆଗାମୀ ଅଧିନାୟକ : ଗାଭାସ୍କର



**ନୂଆଦିଲ୍ଲୀ**

ଭାରତର ଭେଟେରାନ ବ୍ୟାଟ୍ସମ୍ୟାନ୍ ସୁନୀଲ ଗାଭାସ୍କର ବଡ଼ ବୟାନ ଦେଇଛନ୍ତି । ରୋହିତ ଶର୍ମାଙ୍କ ପରେ ଭାରତୀୟ ଦଳର ଅଧିନାୟକ କିଏ ହେବ ସେ ତା ନାମ କହିଛନ୍ତି । ବର୍ଡର ଗାଭାସ୍କର ଟ୍ରଫିରେ ଜସପ୍ରିତ ବୁମ୍ରା ଜବରଦସ୍ତ ପ୍ରଦର୍ଶନ କରିଥିଲେ । ଏହି ଦ୍ରୁତ ବୋଲର ହିଁ ରୋହିତଙ୍କ ପରେ ଭାରତୀୟ ଟେଷ୍ଟ ଟିମ୍‌ର ଅଧିନାୟକ ହେବେ । ବୁମ୍ରା ଅଷ୍ଟ୍ରେଲିଆ ଗସ୍ତରେ ୫ ମ୍ୟାଚ୍‌ରେ ୩୨ ଉଇକେଟ ନେଇଥିଲେ । ଏହା ଅଷ୍ଟ୍ରେଲିଆରେ କୌଣସି ବିଦେଶୀ ଦ୍ରୁତ ବୋଲର ସର୍ବଶ୍ରେଷ୍ଠ ପ୍ରଦର୍ଶନ । ବୁମ୍ରାଙ୍କ ଅଧିନାୟକତ୍ୱରେ ଟିମ୍ ପର୍ଥରେ ଖେଳାଯାଇଥିବା ଏହି ସିରିଜ୍‌ର ପ୍ରାରମ୍ଭିକ ମ୍ୟାଚ୍‌ରେ ବିଜେତା ହୋଇଥିଲା । ଗାଭାସ୍କର ଚ୍ୟାନେଲ୍ ୭ରେ କହିଛନ୍ତି, ବୁମ୍ରା ଟିମ୍‌ର ଆଗାମୀ ଅଧିନାୟକ ହେବେ । ସେ ବହୁତ ଦାୟିତ୍ୱର ସହ ଦଳର ନେତୃତ୍ୱ ନିଅନ୍ତି, ତାଙ୍କର ଛବି ବହୁତ ଭଲ । ତାଙ୍କ ପାଖରେ ଜଣେ ଅଧିନାୟକ ହେବାର ଗୁଣ ଅଛି । ସେ ଏଭଳି ଜଣେ ବ୍ୟକ୍ତି ନୁହଁନ୍ତି ଯିଏ ଆପଣଙ୍କ ଉପରେ ଅନାବଶ୍ୟକ ଚାପ ପକାଇବେ । ବେଳେବେଳେ ଆପଣଙ୍କ ପାଖରେ ଏଭଳି ଅଧିନାୟକ ଥାନ୍ତି ଯିଏ ବହୁତ ଚାପ ପକାଇଥାନ୍ତି । ବୁମ୍ରାଙ୍କୁ ଦେଖି ଲାଗୁଛି ଯେ ସେ ଯାହା ଯିଏ ଚାହୁଁଛି ତାହା କରୁ ବୋଲି ଚାହିଁଥାନ୍ତି । ସେ ଯେଉଁ କାମ ପାଇଁ ଜାତୀୟ ଦଳରେ ଅଛନ୍ତି, ସେହି କାମ କରନ୍ତୁ । ହେଲେ ଏଥିଲାଗି କାହା ଉପରେ ଚାପ ପକାନ୍ତି ନାହିଁ । ମୋତେ ଲାଗୁଛି ଯେ ସେ ବେଶ୍ ଜବରଦସ୍ତ ଥିଲେ । ନିଜ ଭୂମିକାକୁ ବହୁତ ଭଲ ଭାବେ ତୁଲାଇଥାନ୍ତି । ସେ ଅଧିନାୟକ ହେଲେ ମୋତେ ଆଶ୍ଚର୍ଯ୍ୟ ଲାଗିବ ନାହିଁ ବୋଲି ସେ କହିଛନ୍ତି ।

# ଆୟର୍ଲାଣ୍ଡକୁ ୪ ୱିକେଟରେ ହରାଇଲା ଭାରତ

## ୪ ହଜାର ରନ ପୂରଣ କରି ରେକର୍ଡ଼ କଲେ ସ୍ମୃତି ମନ୍ଧାନା

**ନୂଆଦିଲ୍ଲୀ**

ରେକର୍ଡ କରିଛନ୍ତି ଭାରତୀୟ ମହିଳା ଟିମ୍‌ର ଷ୍ଟାର ବ୍ୟାଟର ସ୍ମୃତି ମନ୍ଧାନା । ସେ ଭାରତର ଦ୍ରୁତତମ ମହିଳା କ୍ରିକେଟର ଭାବେ ଦିନିକିଆରେ ୪ ହଜାର ରନ ପୂରଣ କରିଛନ୍ତି । ଶୁକ୍ରବାର ସୌରାଷ୍ଟ୍ର କ୍ରିକେଟ ଆସୋସିଏସନ ଷ୍ଟାଡିୟମରେ ଖେଳାଯାଇଥିବା ଆୟର୍ଲ୍ୟାଣ୍ଡ ବିପକ୍ଷ ପ୍ରଥମ ଦିନିକିଆରେ ମନ୍ଧାନା ଏପରି ରେକର୍ଡର ଅଧିକାରୀ ହୋଇଛନ୍ତି ।

ସେହିପରି ମନ୍ଧାନା ବିଶ୍ୱର ୧୫ତମ ମହିଳା କ୍ରିକେଟର ଭାବେ ଦିନିକିଆରେ ୪ ହଜାର ରନର ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି । ଏହାବାଦ୍ ମିତାଲି ରାଜଙ୍କ ପରେ ସେ ଦ୍ୱିତୀୟ ଭାରତୀୟ ଭାବେ



ଦିନିକିଆରେ ୪ ହଜାର ରନ ପୂରଣ କରିବାକୁ ସକ୍ଷମ ହୋଇଛନ୍ତି ।

ମନ୍ଧାନା ଶୁକ୍ରବାର ଆୟର୍ଲ୍ୟାଣ୍ଡ ବିପକ୍ଷରେ ଦଳର କମାଣ ସମ୍ଭାଳିବା ସହ ୪୧ ରନର ଇନିଂସ ଖେଳିଛନ୍ତି । ଏହି ଇନିଂସ ଯୋଗୁ ଆୟର୍ଲଣ୍ଡ ଦେଇଥିବା ୨୩୯ ରନର ଟାର୍ଗେଟକୁ ଭାରତୀୟ ମହିଳା ଦଳ ୯୩ଟି ବଲ ପୂର୍ବରୁ ୪ ୱିକେଟ ହରାଇ ହାସଲ କରି ନେଇଛି । ମନ୍ଧାନା ୨୯ ବଲରେ ୪୧ ରନର ଇନିଂସ ଖେଳିଥିବା ବେଳେ ଅନ୍ୟତମ ଓପନର ପ୍ରତିକା ରାୱତ ୮୯ ଓ ତେଜାଲ ହସାବିନ୍ସ ଅପରାଜିତ ୫୩ ରନ କରିଛନ୍ତି ।

ଅନ୍ୟପକ୍ଷରେ ମନ୍ଧାନା ତାଙ୍କ ଦିନିକିଆ କ୍ୟାରିୟରର ୯୫ତମ ମ୍ୟାଚ୍ ଖେଳିଛନ୍ତି । ସେ ଭାରତର ଦ୍ରୁତତମ ଓ ବିଶ୍ୱର ତୃତୀୟ ଦ୍ରୁତତମ ଖେଳାଳି ଭାବେ ଏହି ଫର୍ମାଟରେ ୪ ହଜାର ରନ ପୂରଣ କରିଛନ୍ତି । ସେ ପ୍ରଥମ ଭାରତୀୟ ମହିଳା ଯଦି ୧୦୦ରୁ କମ ଇନିଂସରେ ଏହି କୀର୍ତ୍ତିମାନ ହାସଲ କରିଛନ୍ତି । ମିତାଲି ରାଜ ୭୮୦୫ ରନ ସହ ତାଲିକାର ୧ନଂ ସ୍ଥାନରେ ରହିଥିବା ବେଳେ ଏବେ ମନ୍ଧାନା ଦ୍ୱିତୀୟ ସ୍ଥାନରେ ଅଛନ୍ତି ।

# କୋହଲି ଅବସର ନେଲେ ଭୁଶୁଡ଼ି ପଡ଼ିବ ଟିମ୍ ଇଣ୍ଡିଆ : ମାଇକେଲ କ୍ଲାର୍କ



**ନୂଆଦିଲ୍ଲୀ**

ବିରାଟ କୋହଲି ଭାରତୀୟ ଦଳରୁ ବାଦ୍ ପଡ଼ିବେ, ସେ ଅବସର ନେବେ ଏବଂ ହୁଏତ କ୍ରିକେଟରୁ ଏକ ଛୋଟ ବିରତି ନେବେ । ଆଜିକାଲି ବିରାଟଙ୍କ କ୍ରିକେଟ କ୍ୟାରିୟରକୁ ନେଇ ସମାନ ଅନୁମାନ କରାଯାଉଛି । କିନ୍ତୁ ପୂର୍ବତନ ଅଷ୍ଟ୍ରେଲୀୟ ଅଧିନାୟକ ମାଇକେଲ କ୍ଲାର୍କଙ୍କ ମତ ଭିନ୍ନ । କ୍ଲାର୍କ ସ୍ପଷ୍ଟ ଭାବରେ କହିଛନ୍ତି, ଯଦି ବିରାଟ ଏବେ ଟେଷ୍ଟ କ୍ରିକେଟରୁ ଅବସର ନିଅନ୍ତି, ତେବେ ଟିମ୍ ଇଣ୍ଡିଆ ସବୁଠାରୁ ବଡ଼ କ୍ଷତି ସହିବ ।

ମାଇକେଲ କ୍ଲାର୍କ କ୍ରିକେଟ ପୋଡ୍‌କାଷ୍ଟରେ ବର୍ଡର-ଗାଭାସ୍କର ଟ୍ରଫିରେ ବିରାଟ କୋହଲିଙ୍କ ଫର୍ମ ବିଷୟରେ ଆଲୋଚନା କରିଥିଲେ । ସେ ଭାରତୀୟ ଦଳରେ ବିରାଟଙ୍କ ଗୁରୁତ୍ୱ ବିଷୟରେ କହିଥିଲେ । କ୍ଲାର୍କ ସ୍ୱୀକାର କରିଛନ୍ତି, ବିରାଟଙ୍କ ପାଇଁ ଗତ କିଛି ମ୍ୟାଚ୍ ସହଜ ନ ଥିଲା, ତାଙ୍କ ବ୍ୟାଟରୁ ରନ ଆସି ନ ଥିଲା କିନ୍ତୁ ସେହି ସମୟରେ ସେ କୋହଲିଙ୍କ ପ୍ରତିଭା ଏବଂ ତାଙ୍କ ଦକ୍ଷତାର ପ୍ରଶଂସା କରିଥିଲେ ।

ମାଇକେଲ କ୍ଲାର୍କ କହିଛନ୍ତି, କୋହଲି ଏତେ ମହାନ ଖେଳାଳି ଯେ ସେ କାଲି ଦ୍ୱିଶତକ ମାରିପାରିବେ । ସେ ନିଜେ ଅବସର ନେବା ପାଇଁ ମନ ନ କରିବା ପର୍ଯ୍ୟନ୍ତ ଖେଳିପାରିବେ । ଯଦି କୋହଲି ଏବେ ଟେଷ୍ଟ କ୍ରିକେଟ ଖେଳିବା ଆରମ୍ଭ କରନ୍ତି, ତେବେ ସେ ସକ୍ଷମ ହେବେ ପୁଣି ଥରେ କ୍ରିକେଟ ଖେଳିବେ । ଯଦି ସେ କ୍ରିକେଟରୁ ଅବସର ନିଅନ୍ତି, ତେବେ ମୋ ମତରେ ସବୁଠାରୁ ବଡ଼ କ୍ଷତି ଭାରତୀୟ ଦଳକୁ ହେବ । କୋହଲି ପର୍ଥରେ ଖେଳାଯାଇଥିବା ବର୍ଡର-ଗାଭାସ୍କର ଟ୍ରଫିର ପ୍ରଥମ ଟେଷ୍ଟରେ ଶତକ ମାରିଥିଲେ । ଦୁର୍ଭାଗ୍ୟବଶତଃ ଏହା ପରେ, ତାଙ୍କ ବ୍ୟାଟ ଚାଲି ନ ଥିଲା । ଏସବୁ ସତ୍ତ୍ୱେ ମାଇକେଲ କ୍ଲାର୍କ କୁହନ୍ତି, ଯଦି ମୁଁ ବିରାଟ କୋହଲି ଥିବା କୌଣସି ଦଳର ଅଧିନାୟକ ହୋଇଥାନ୍ତି, ତେବେ ମୁଁ ଜାଣିଛି ଯେ ସେ ଆଶା ଅନୁଯାୟୀ ଅଧିକ ରନ କରିନାହାନ୍ତି, ତଥାପି ମୁଁ ତାଙ୍କୁ ମୋ ଦଳରେ ରଖିବା ପାଇଁ ସମର୍ଥନ କରିବି ।

ବର୍ଡର-ଗାଭାସ୍କର ଟ୍ରଫିରେ ଅଷ୍ଟ୍ରେଲିଆ ବିପକ୍ଷରେ ଅଫ-ଷ୍ଟମ୍ପ ବାହାରେ ବଲ ଯୋଗୁ କୋହଲି ସବୁବେଳେ ହଇରାଣ ହେଉଥିଲେ । ଏହା ଏକ ସମସ୍ୟା ଯାହା କୋହଲି ବହୁ ବର୍ଷ ଧରି ଦୂର କରିପାରି ନାହାନ୍ତି ବୋଲି କ୍ଲାର୍କ କହିଛନ୍ତି ।

# ସର୍ବ ଭାରତୀୟ ଗୋଲ୍ଡେନ କପ ଟି-୨୦ କ୍ରିକେଟ୍ : ସେମିରେ ଖଡ଼ଗପୁର ରେଲେୱେ ଏବଂ ଏମଏମସିସି ସମ୍ବଲପୁର

**ଆନନ୍ଦପୁର, ନ୍ୟୁଜ୍‌ବ୍ୟୁରୋ**

ଆନନ୍ଦପୁର ଘସିପୁରା ଅଳତି ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୩୧ତମ ଗୋଲ୍ଡେନ କପ୍ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନରେ ଖଡ଼ଗପୁର ରେଲେୱେ ଏବଂ ଏମଏମସିସି ସମ୍ବଲପୁର ଟିମ୍ ସେମିଫାଇନାଲରେ ପ୍ରବେଶ କରିଛନ୍ତି । ସ୍ପୋର୍ଟସ କ୍ଲବର ପୃଷ୍ଠପୋଷକ ଡଃ ରତିକାନ୍ତ ବରାଳଙ୍କ ସଂଯୋଜନାରେ ଦ୍ୱିତୀୟ ଦିବସର ପ୍ରଥମ ମ୍ୟାଚ ଖଡ଼ଗପୁର ରେଲେୱେ ବନାମ କରିମ୍ ସ୍ପୋର୍ଟସ ନାଗପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖଡ଼ଗପୁର ରେଲେୱେ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୦୬ ରନ୍ ସଂଗ୍ରହ କରିଥିଲା । ଏହାର ଜବାବରେ କରିମ୍ ସ୍ପୋର୍ଟସ ନାଗପୁର ୨୦ ଓଭରରେ ୯ ଉଇକେଟ ହରାଇ ମାତ୍ର ୧୭୬ ରନ୍ ସଂଗ୍ରହ କରିପାରିଥିଲା । ସେହିପରି ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ଆଦର୍ଶ ବାଲେଶ୍ୱର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ ହରାଇ ୧୦୭ ରନ୍ ସଂଗ୍ରହ କରିଥିଲା । ଜବାବରେ ଏମଏମସିସି ସମ୍ବଲପୁର ୭.୫ ଓଭରରେ ମାତ୍ର ୨ ଉଇକେଟ ହରାଇ ୧୧୧ ରନ୍ କରି ମ୍ୟାଚ୍ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଥିଲା । ଶୁକ୍ରବାର ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ଖଡ଼ଗପୁର ରେଲେୱେ ଟିମର ହରଶିତ୍ ସମୁନ୍ଦର୍ ଏବଂ ଏମଏମସିସି ସମ୍ବଲପୁର ଟିମ୍‌ର ଫଇଜଲ୍ ଆଲଭିଙ୍କୁ ପୁରସ୍କୃତ କରାଯାଇଥିଲା । ଓସିଏ ଅନୁବନ୍ଧିତ ଅମ୍ପାଆର୍ ଲଲାଟକେଶରୀ ନନ୍ଦ ଏବଂ ସାର୍ଥକ ବିଶ୍ୱାଳ ମ୍ୟାଚ ପରିଚାଳନା କରିଥିବା ବେଳେ ସ୍କୋର ବୋର୍ଡରେ ସମିରକୁମାର ସ୍ୱାଇଁ, ଧାରା ବିବରଣୀରେ ରସିଦ ଖାନ୍, ତପନକୁମାର ନାୟକ ଏବଂ ୟୁଟ୍ୟୁବରେ ସ୍ପୋର୍ଟସ ଟାଇମ ପକ୍ଷରୁ ମ୍ୟାଚ୍‌ର ଲାଇଭ ଦୃଶ୍ୟ ପ୍ରଦର୍ଶିତ କରାଯାଉଛି । ମ୍ୟାଚ ଆୟୋଜନରେ ସ୍ପୋର୍ଟସ କ୍ଲବର ମ୍ୟାନେଜର ମନ୍ମଥ କୁମାର ରାଉତ, କାର୍ଯ୍ୟନିର୍ବାହୀ ପ୍ରସନ୍ନ କୁମାର ନାୟକ ପ୍ରମୁଖ ସକ୍ରିୟ ସହଯୋଗ କରୁଛନ୍ତି ।

## ସବ୍ୟସାଚୀ ଦିନେଶ ମେମୋରିଆଲ ଗିନି କପ୍ କ୍ରିକେଟ

# ଫାଇନାଲରେ ଖୋର୍ଦ୍ଧା କ୍ରିକେଟ୍ କ୍ଲବ୍

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ଷ୍ଟାଡିୟମରେ ଜିଲ୍ଲା କ୍ରିକେଟ ଆସୋସିଏସନ ପକ୍ଷରୁ ସବ୍ୟସାଚୀ ଦିନେଶ ମେମୋରିଆଲ ଗିନି କପର ଦ୍ୱିତୀୟ ସଂସ୍କରଣ ଷଷ୍ଠ ଦିନ ମ୍ୟାଚ୍‌ରେ ଖୋର୍ଦ୍ଧା କ୍ରିକେଟ୍ କ୍ଲବ୍ ୧୦ ୱିକେଟ୍‌ରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ୍‌କୁ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଛି । ଆସନ୍ତା ୧୨ ତାରିଖ ଦିନ ସୋଲାର କ୍ଲବ କଟକ ଏବଂ ଖୋର୍ଦ୍ଧା କ୍ରିକେଟ କ୍ଲବ୍ ମଧ୍ୟରେ ଫାଇନାଲ ଖେଳାଯିବ । ଶୁକ୍ରବାରର ମ୍ୟାଚ୍ ଏକ ତରଫା ଭାବେ ଶେଷ ହୋଇଛି । ମୁକ୍ତେଶ୍ୱର କ୍ରିକେଟ କ୍ଲବ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର୍‌ରେ ଦଳ ୯ ୱିକେଟ୍ ହରାଇ ୮୬ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ସୌଭାଗ୍ୟ ୨୭ ବଲ ଖେଳି ସର୍ବାଧିକ ୨୦ ରନ ସଂଗ୍ରହ କରିଥିବା ବେଳେ ଖୋର୍ଦ୍ଧା କ୍ରିକେଟ କ୍ଲବ୍‌ର ଶୁଭମ ଶେଖର ମହାନ୍ତି ୪




ଓଭରରେ ୨୦ରନ ବିନିମୟରେ ୨ଟି ୱିକେଟ୍ ଓ ସୁମିତ ମହାରଣା ୪ ଓଭରରେ ମାତ୍ର ୬ ରନ ଦେଇ ୪ଟି ୱିକେଟ ନେଇ ବିପକ୍ଷ ଦଳକୁ ଖୁବ କମ୍ ସ୍କୋର କରାଇବାରେ ସଫଳ ହୋଇଥିଲେ । ୮୭ରନର ପିଛା କରି ଖୋର୍ଦ୍ଧା କ୍ରିକେଟ କ୍ଲବ କୌଣସି ୱିକେଟ୍ ନ ହରାଇ ମାତ୍ର ୬.୩ ଓଭରରେ ଆବଶ୍ୟକ ରନ କରି ସଂଗ୍ରହ କରି ଦଳକୁ ବିଜୟୀ କରି ଫାଇନାଲକୁ ପ୍ରବେଶ କରିଛନ୍ତି । ଦଳ ପକ୍ଷରୁ ଜ୍ୟୋତି ରଂଜନ ବେହେରା ମାତ୍ର ୨୧ ବଲ ଖେଳି ୫୦ ରନ ସଂଗ୍ରହ କରିଥିବା ବେଳେ ଶୁଭମ୍ ଶେଖର ମହାନ୍ତି ୧୮ ବଲରେ ୩୬ ରନ ସଂଗ୍ରହ କରିଥିଲେ । ବିଜୟୀ ଖୋର୍ଦ୍ଧା କ୍ରିକେଟ କ୍ଲବର ସୁଭମ ଉଭୟ ବୋଲିଂ ଏବଂ ବ୍ୟାଟିଂରେ ଭଲ ପ୍ରଦର୍ଶନ ଯୋଗୁ ତାଙ୍କୁ ଶୁକ୍ରବାରର ମ୍ୟାଚ୍‌ରେ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ଘୋଷଣା କରାଯାଇଥିଲା । ସେ ମୁଖ୍ୟ ଅତିଥି ଡଃ ସୁସିମ ଦାଶ, ଆୟୋଜକ ଜିଲ୍ଲା କ୍ରିକେଟ ଆସେସିଏସନର ବରିଷ୍ଠ ସଦସ୍ୟ ରବି ନାରାୟଣ ରାଉତରାୟ, ରବିନ୍ଦ୍ର କୁମାର ସ୍ୱାଇଁଙ୍କ ଠାରୁ ଟ୍ରଫି, ତିନି ହଜାର ଟଙ୍କା ଆର୍ଥିକ ପୁରସ୍କାର ଏବଂ ଏଚ୍‌ଏଚ ଟାଇମ୍ସ ପ୍ରଦତ୍ତ ହାତ ଘଣ୍ଟା ଗ୍ରହଣ କରିଥିଲେ । ଏହି ମ୍ୟାଚ୍‌କୁ ପ୍ରୀତିରଂଜନ ବିଜୟସିଂହ ଏବଂ ଚନ୍ଦ୍ରମୋହନ ବରାଳ ପରିଚାଳନା କରୁଥିବା ବେଳେ ଜନ୍ମେଜୟ, ରବି ନାରାୟଣ ପରିଡ଼ା ସ୍କୋର ବୋର୍ଡ ପରିଚାଳନା କରିଥିବା ବେଳେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଭାଷ୍ୟକାର ଭାବେ କାର୍ଯ୍ୟ କରିଥିଲେ । ଶନିବାର ପ୍ରଦର୍ଶନୀ ମ୍ୟାଚ୍ ଦିନେଶ ଏକାଦଶ ଏବଂ ସବ୍ୟସାଚୀ ଏକାଦଶ ମଧ୍ୟରେ ଅନୁଷ୍ଠିତ ହେବ । ଶୁକ୍ରବାରରେ ମ୍ୟାଚ୍‌କୁ ଆସୋସିଏସନ୍ ସମ୍ପାଦକ ଭବାନୀ ଶଙ୍କର ପଣ୍ଡା, ସୁରେଶ ଭୂଷଣ ପଟ୍ଟନାୟକ, କାର୍ତ୍ତିକ ଜେନା, ବିଜ୍ଞାନ ସୁନ୍ଦରାୟ ପ୍ରମୁଖ ସଂଯୋଜନା କରିଥିଲେ ।

# କେନ୍ଦ୍ରାପଡ଼ାରେ ୧୮ତମ ପ୍ରବାସୀ ଭାରତୀୟ ଦିବସ ପାଳନ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ାର ସମସ୍ତ ଶିକ୍ଷା ବିଭାଗ ଆନୁକୂଲ୍ୟରେ ୧୮ତମ ପ୍ରବାସୀ ଭାରତୀୟ ଦିବସ ୨୦୨୫ ପାଳନ ହୋଇଯାଇଛି । ଜିଲ୍ଲାର ୯ଗୋଟି ବ୍ଲକର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷା ଅଧିକାରୀ ଲୋକ ପ୍ରତିନିଧି ମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ପୌର ଅଧ୍ୟକ୍ଷା ସରିତା ସାହୁ, ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ସାଂସଦଙ୍କ ପ୍ରତିନିଧି କିଶୋର କୁମାର ପଣ୍ଡା, ସୂର୍ଯ୍ୟ ନାରାୟଣ ମିଶ୍ର, ମଣ୍ଡଳ ଶିକ୍ଷା ଅଧିକାରୀ ଚିତ୍ତ ରଞ୍ଜନ ଜେନା, ବଳଦେବ ଜେନା, ଅଶୋକ ବଳିଆର ସିଂହ, ଦେବଦତ୍ତ ଶତପଥୀ, ମନୋରଞ୍ଜନ ପଟ୍ଟନାୟକ, ବଳଦେବ ଉପାଧ୍ୟାୟ, ମିନତୀ ସେଠୀ ପ୍ରମୁଖ ଉପସ୍ଥିତ ରହି ସଭା ପ୍ରାରମ୍ଭରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସାଇକେଲ ଚାଳନା, କୁଇଜ୍, ପୋଷ୍ଟର, ରଚନା ଉପସ୍ଥାପନା ଆଦି ପ୍ରସ୍ତୁତି କରାଯାଇ ଥିଲା । କାର୍ଯ୍ୟକ୍ରମ ରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ସଂଯୋଜିକା କିରଣ ତୃଷ୍ଣା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗ୍ରାମ୍ୟଜ୍ୟୋତି ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଗ୍ରାମ୍ୟଜ୍ୟୋତି ଫାଉଣ୍ଡେସନ୍ ଓ ଯୁବ ରେଡ୍‌କ୍ରସ୍ ଓ ବ୍ରାହ୍ମଣୀ କଲେଜ୍ ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡ଼ା ବିଜେପିର ବରିଷ୍ଠ ନେତ୍ରୀ ଗୀତାଞ୍ଜଳି ସେଠୀ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବାବେଳେ କଲେଜ ଅଧ୍ୟକ୍ଷ ଡକ୍ଟର ଗୌରୀକୁମାର ସାମଲ, ଅଧ୍ୟାପିକା ପ୍ରଫେସର ମମତାମୟୀ ପଟ୍ଟନାୟକ, ଗ୍ରାମ୍ୟଜ୍ୟୋତି ଫାଉଣ୍ଡେସନ୍‌ର ସଭାପତି ବିକାଶ କୁମାର ନାୟକ, ସଂପାଦକ ଅନୀଲ କୁମାର ପାତ୍ର, ଶିବାନୀ ଶଙ୍କର ନାୟକ ପ୍ରମୁଖ ଏହି ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ । କେନ୍ଦ୍ରାପଡ଼ା ବ୍ଲଡ୍ ବ୍ୟାଙ୍କର ରକ୍ତର ଅଭାବ ଥିବାର ଏବଂ ଥାଲସେମିଆ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବାର



ଜାଣିବାପରେ ଅନୁଷ୍ଠାନ ତରଫରୁ ମେଗା ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଏଥିରେ ସ୍ଥାନୀୟ ଅଞ୍ଚଳର ବହୁ ଯୁବକ/ଯୁବତୀ, ସମାଜସେବୀ ସ୍ୱଇଚ୍ଛାରେ ରକ୍ତଦାନ କରିଥିଲେ । କାର୍ଯ୍ୟକ୍ରମକୁ ଦେବାଶୀଷ ଦାସ, ବିନୟ ପଲାଇ, ସୁପ୍ରୀତିସର୍ମା, ବିକାଶ କୁମାର ରଣା, ଚନ୍ଦ୍ରରେଖା ପରିଡା, ବିଶ୍ୱଜିତ ବିଜୟୀ, ତପନ କୁମାର ଜେନା, ଶୁଭ୍ରାଂଶୁ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ସରକାରୀ ସ୍ନାତକ ମହାବିଦ୍ୟାଳୟରେ ପ୍ରବାସୀ ଭାରତୀୟ ଦିବସ ପାଳନ

**ରାୟଗଡ଼ା, ନ୍ୟୁଜ୍‌ବ୍ୟୁରୋ**

ରାୟଗଡ଼ା ଜିଲ୍ଲା ରମାନଗୁଡ଼ା ବ୍ଲକ୍‌ର ସ୍ଥାନୀୟ ସରକାରୀ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡ. କୈଳାସ ମଳିକଙ୍କ ସଭାପତିତ୍ୱରେ ପ୍ରବାସୀ ଭାରତୀୟ ଦିବସ ଶୁଭ ଉଦ୍‌ଘାଟନ ହୋଇଯାଇଛି । ଡ. ମଳିକ ଏହି ଦିବସ ସଂପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇ ଥିଲେ । ଏହା ସହ ମହା ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏହି ଦିବସ ସଂପର୍କରେ ଆଲୋଚନା କରିଥିଲେ । ଏହା ପରେ କାର୍ଯ୍ୟକ୍ରମର ସଂଯୋଜକ ବାଦଲ କୁମାର ପରିଡ଼ାଙ୍କ ତତ୍ତ୍ୱାବଧାନରେ ପ୍ରବନ୍ଧ ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ବହୁ ସଂଖ୍ୟକ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏହି ସବୁ କାର୍ଯ୍ୟକ୍ରମଗୁଡ଼ିକ ଇଂରାଜୀ ବିଭାଗର ଅଧ୍ୟାପକ ଶ୍ରୀ ପ୍ରଫୁଲ୍ଲ କୁମାର ଲିମା, ଶିକ୍ଷା ବିଭାଗର ଅଧ୍ୟାପିକା ସୁଶ୍ରୀ ତନୁଜା ଶବର ଓ ରାଜନୀତି ବିଜ୍ଞାନର ଅଧ୍ୟାପିକା ସୁଶ୍ରୀ ପ୍ରଜ୍ଞା ପ୍ରିୟଦର୍ଶିନୀ ପଲେଇ ସୂଚାରୁରୂପେ ପରିଚାଳନା କରିଥିଲେ ।

**ଓଡିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ: (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪)୨୩୯୧୫୪୨,୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ : https://oshb.org
CAD-2138

ପତ୍ର ସଂଖ୍ୟା:......୦୭...... **ବିଜ୍ଞାପନ** ତା. ୦୬.୦୧.୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ-ବି.ଏଲ-୧୩୦(BL-130), ବାସନ୍ତୀ କଲୋନୀ, ରାଉରକେଲା, ଜିଲ୍ଲା-ସୁନ୍ଦରଗଡ ଗୃହ ନିର୍ମାଣ ପ୍ରକଳ୍ପରେ ଯଶବନ୍ତ ସିଂ, ପିତା-ବାହାଦୁର ସିଂ, ଘର ନଂ-ବି.ଏଲ-୧୨୮(BL-128), ବାସନ୍ତୀ କଲୋନୀ, ପୋ-ରାଉରକେଲା, ଥାନା-ପ୍ଲାଣ୍ଟ ସାଇଟି, ରଘୁନାଥପଲ୍ଲୀ, ଉଦିତନଗର, ଜିଲ୍ଲା-ସୁନ୍ଦରଗଡଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଯଶବନ୍ତ ସିଂ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ରଞ୍ଜିତ ସିଂ, ପିତା-ପୁରଞ୍ଜିତ୍ ସିଂ, ପ୍ଲଟ ନଂ-ବି.ଏଲ-୧୩୦(BL-130), ବାସନ୍ତୀ କଲୋନୀ, ରାଉରକେଲା, ଉଦିତନଗର, ଜିଲ୍ଲା-ସୁନ୍ଦରଗଡଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବାପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବୀ/ଆପତ୍ତି ଥାଏ ତେବେ ଏହି ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ ଯୋଗ୍ୟ ନୁହେଁ ଏବଂ ଗୃହଟିର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0409/2425

# ସହିଦ ଜବାର ଓ ପ୍ରତ୍ୟାଶା ପାଇବେ ଓସ୍‌ଜା ବାର୍ଷିକ ପୁରସ୍କାର

**ଭୁବନେଶ୍ୱର**

ପୂର୍ବତନ ସନ୍ତୋଷ ଟ୍ରଫି ଖେଳାଳି ତଥା ସଫଳ ଫୁଟବଲ କୋଚ ମହମ୍ମଦ ସହିଦ ଜବାର ଓ ଓଡ଼ିଶା ସନ୍ତରଣର ସଫଳତମ ଖେଳାଳି ପ୍ରତ୍ୟାଶା ରାୟ ଚଳିତ ବର୍ଷର ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା)ର ବାର୍ଷିକ ପୁରସ୍କାର ପାଇବେ । ଗତବର୍ଷ ଅନେକ ସଫଳତା ଅର୍ଜନ କରିଥିବା ପ୍ରତ୍ୟାଶା ରାୟଙ୍କୁ ୨୦୨୪ ବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ୍ ଏବଂ ଭାରତୀୟ ମହିଳା ଫୁଟବଲ ଦଳର ସଫଳତାରେ ବିଶେଷ ଯୋଗଦାନ ଦେଇଥିବା ସହିଦ ଜବାରଙ୍କୁ ଜୀବନବ୍ୟାପୀ ସେବା ସକାଶେ ପୁରସ୍କାର ପ୍ରଦାନ କରାଯିବ । ଜାନୁଆରୀ ୧୯ ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଯାଉଥିବା ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା)ର ବାର୍ଷିକ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ଓସ୍‌ଜାର ସଭାପତି ସନ୍ଦିପ ମିଶ୍ର ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି ।

ପିତା ତଥା ବିଶିଷ୍ଟ ଫୁଟବଲର ଅବ୍‌ଦୁଲ ଜବାରଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ମହମ୍ମଦ ସହିଦ ଜବାର ଓଡ଼ିଶା ଫୁଟବଲ ଦଳ ପକ୍ଷରୁ ଅନେକ ବର୍ଷ ପ୍ରତିନିଧିତ୍ୱ କରିଥିଲେ ।



ସେ ଜାତୀୟ ଜୁନିୟର ଏବଂ ଜାତୀୟ ସିନିୟର ସନ୍ତୋଷ ଟ୍ରଫିରେ ଓଡ଼ିଶା ପକ୍ଷରୁ ଅନେକ ବର୍ଷ ଖେଳିବା ସହ ଦୀର୍ଘ ୧୫ବର୍ଷ ଓଡ଼ିଶା ପୁଲିସ୍ ଦଳର ସଦସ୍ୟ ଭାବରେ ସର୍ବଭାରତୀୟ ପୁଲିସ ଫୁଟବଲ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଫୁଟବଲରୁ ଖେଳାଳି ଭାବେ ଅବସର ନେବା ପରେ କୋଚିଂ ପ୍ରତି ଧ୍ୟାନ ଦେଇଥିବା ସହିଦ ଜବାର ଭାରତୀୟ ମହିଳା ଫୁଟବଲ ଦଳର ବହୁବର୍ଷ ରହିଥିଲେ ମୁଖ୍ୟ କୋଚ । ତାଙ୍କ ଅଧୀନରେ ସାଫ୍ ଚାମ୍ପିଅନ୍‌ସିପ୍ ଏବଂ ଅନେକ ବଡ଼ ବଡ଼ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିବା ସହ ଟାଇଟଲ ଜିତିଥିଲା ଭାରତୀୟ ମହିଳା ଦଳ । ଏଥିସହ ସେ ଓଡ଼ିଶାର ବିଭିନ୍ନ ବୟସ ବର୍ଗର ଉଭୟ ପୁରୁଷ ଓ ମହିଳା ଦଳର କୋଚ ଭାବେ ମଧ୍ୟ ଦାୟିତ୍ୱ ସଂପାଦନ କରିଛନ୍ତି ।

ଏସିଆନ୍ ଫୁଟବଲ ସଂଘର କୋଚିଂ ତାଲିମ ମଧ୍ୟ ପୂର୍ଣ୍ଣ କରିଥିବା ସହିଦ ଜବାର ଏବେ ବି କୋଚ ଏବଂ ଫୁଟବଲ ପ୍ରଶାସକ ଭାବେ ଅଛନ୍ତି ସକ୍ରିୟ ।

ଓଡ଼ିଶା ସନ୍ତରଣର ମାର୍ଗଦର୍ଶକ ଭାବେ ପରିଚିତ ପ୍ରତ୍ୟାଶା ରାୟ ୨୦୨୪ରେ ଏକାଧିକ ବିଶେଷ ସଫଳତା ହାସଲ କରିଥିଲେ । ସେ ଗତବର୍ଷ ସେପ୍ଟେମ୍ବର ମାସରେ ଅନୁଷ୍ଠିତ ଜାତୀୟ ସନ୍ତରଣ ପ୍ରତିଯୋଗିତାରେ ଗୋଟିଏ ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ମେଡାଲ ହାସଲ କରିଥିଲେ । ଏଥିସହ ୨୦୨୪ରେ ସେ ଆନ୍ତର୍ଜାତିକସ୍ତରରେ ମଧ୍ୟ ଜିତିଥିଲେ ମେଡାଲ । ୨୦୨୪ରେ ଦକ୍ଷିଣର ଆଫ୍ରିକାର ପ୍ରିଟୋରିଆରେ ଅନୁଷ୍ଠିତ ପ୍ରିମିୟର ପ୍ରାଦେଶିକ ସନ୍ତରଣ ପ୍ରତିଯୋଗିତାରେ ସେ ୩ଟି ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ପଦକ ଜିତିବାର ସୁଯୋଗ ପାଇଥିଲେ । ଏଥିସହ ଉତ୍କଳ ବିଶ୍ୱବିଦ୍ୟାଳୟ ଦଳର ପ୍ରତିନିଧିତ୍ୱ କରି ଖେଲୋ ଇଣ୍ଡିଆ ଗେମ୍ସରେ ସେ ୪ଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଏବଂ ଗୋଟିଏ ବ୍ରୋଞ୍ଜ ପଦକ ଜିତିଥିଲେ । ୨୦୨୪ମସିହାର ଏକଲବ୍ୟ ପୁରସ୍କାର ମଧ୍ୟ ମିଳିଥିଲା ପ୍ରତ୍ୟାଶା ରାୟଙ୍କୁ ।

ଉଭୟ ସହିଦ ଜବାର ଏବଂ ପ୍ରତ୍ୟାଶା ରାୟଙ୍କୁ ଓସ୍‌ଜା ବାର୍ଷିକ ପୁରସ୍କାର ଆକାରରେ ନଗଦ ୨୫ହଜାର ଟଙ୍କା, ପ୍ରଶସ୍ତିପତ୍ର, ଉତ୍ତରୀୟ ଏବଂ ବିଶେଷ ଟ୍ରଫି ପ୍ରଦାନ କରାଯିବ । ସର୍ବଭାରତୀୟ କ୍ରୀଡ଼ା ସାମ୍ବାଦିକ ସଂଘ ସହ ଅନୁବନ୍ଧିତ ଓସ୍‌ଜା ବା ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ ୨୦୧୮ମସିହାରୁ ବାର୍ଷିକ ପୁରସ୍କାର ପ୍ରଦାନ କରି ଆସୁଛି । ପ୍ରଥମ ବର୍ଷର ବିଜେତା ଥିଲେ ଆଥଲେଟ୍ ପୂର୍ଣ୍ଣିମା ହେମ୍ବ୍ରମ ଓ ଫୁଟବଲର ଦେବ ସିଂହ । ୨୦୧୯ରେ ହକି ତାରକା ଅମିତ ରୋହିଦାସ ଓ ଦ୍ରୋଣାଚାର୍ଯ୍ୟ ବିଜେତା ବକ୍ସିଂ କୋଚ ବ୍ରଜଭୂଷଣ ମହାନ୍ତିଙ୍କୁ ପୁରସ୍କୃତ କରାଯାଇଥିଲା । ୨୦୨୦ରେ ପାରା-ଆଥଲେଟ୍ ପ୍ରମୋଦ ଭଗତ ଓ ବିଶିଷ୍ଟ ଆଥଲେଟିକ୍ସ କୋଚ ପଞ୍ଚାନନ ଗନ୍ତାୟତ, ୨୦୨୧ରେ ଚେସ୍ ଗ୍ରାଣ୍ଡ ମାଷ୍ଟର ସ୍ୱୟଂସ୍ ମିଶ୍ର ଓ ଆଥଲେଟିକ୍ସ କୋଚ ଅରୁଣ ଦାସ, ୨୦୨୨ରେ ବିଶିଷ୍ଟ ବାସ୍କେଟବଲ ଖେଳାଳି ଅରୂପାନନ୍ଦ ରାଉତରାୟ ଓ ହକି ଅଲିମ୍ପିଆନ୍ ବିରେନ୍ଦ୍ର ଲାକ୍ରା, ୨୦୨୩ରେ ସାଇକ୍ଲିଷ୍ଟ ସ୍ୱସ୍ତି ସିଂ ଓ ଓଡ଼ିଶାର ପ୍ରଥମ ଆନ୍ତର୍ଜାତିକ ହକି ଖେଳାଳି ପିଟର ତିର୍କୀ ତଥା ୨୦୨୪ରେ ଜାଭେଲିନ୍ ଷ୍ଟାର କିଶୋର କୁମାର ଜେନା ଏବଂ ଅର୍ଜୁନ ପୁରସ୍କାର ବିଜେତା ଭାରୋତ୍ତଳକ ବିଜୟ ଶତପଥିଙ୍କୁ ପ୍ରଦାନ କରାଯାଇ ଥିଲା ଓସ୍‌ଜା ବାର୍ଷିକ ପୁରସ୍କାର ।

# ସାମ୍ବାଦିକ ବିଶିକେସନଙ୍କୁ 'ସେବା ରତ୍ନ' ସମ୍ମାନ ପ୍ରଦାନ

**କଣ୍ଟାବାଞ୍ଜି, ନ୍ୟୁଜ୍‌ବ୍ୟୁରୋ**

ମାନବ ସେବା ହିଁ ମାଧବ ସେବା ବଲାଙ୍ଗିର ଜିଲ୍ଲାର କଣ୍ଟାବାଞ୍ଜି ସହର ଚଟୁଅନକା ଗ୍ରାମର ସାମାଜିକ କର୍ମୀ ଏବଂ ସାମ୍ବାଦିକ ବିଶିକେସନ ମାଝୀ ନିଜକୁ ସମାଜ ସେବାରେ ନିୟୋଜିତ କରି ଅନେକ ସମସ୍ୟାର ଖବର ପ୍ରସାରଣ କରି ଲୋକଙ୍କ ସମସ୍ୟା ପ୍ରଶାସନଙ୍କ ପାଖକୁ ପଠାଇ ସମାଧାନ କରୁଛନ୍ତି । ଲୋକଙ୍କ ଓଠରେ ହସ ଫୁଟାଇ ବିପଦର ବନ୍ଧୁ ସାଜି ଦୁଃଖୀ ଲୋକଙ୍କ ମନରେ ସାହାସ ଭରୁଛନ୍ତି, ଏମିତି ଅନେକ ସମସ୍ୟାର ଖବର ତାଙ୍କ ୱେବ ମିଡ଼ିଆ ଯୋଗେ ପ୍ରସାରଣ କରି ସମସ୍ୟାର ସମାଧାନ କରି ସମାଜର କଲ୍ୟାଣ ନିମନ୍ତେ ତାଙ୍କ ସେବା କାର୍ଯ୍ୟ ଓ ସୁନ୍ଦର ବ୍ୟବହାର ନିଆରା ଯୁବ ପିଢ଼ିମାନଙ୍କ ପାଇଁ ପ୍ରେରଣା ସାଜି ସମାଜ ପାଇଁ ଉଦାହରଣ ପାଲଟିଛନ୍ତି । ବିଶିକେସନ ମାଝୀଙ୍କ ଖବର ପ୍ରସାରଣ ଓ ସେବା କାର୍ଯ୍ୟ ବିଷୟରେ ଜାଣି କୋଲକତା ପଶ୍ଚିମବଙ୍ଗର ସାମାଜିକ ଅନୁଷ୍ଠାନ ଶୋଭା ଜୀବ କଲ୍ୟାଣ ଟ୍ରଷ୍ଟ ତରଫରୁ ସମ୍ମାନ ଜଣାଇ ସେବା ସମ୍ମାନରେ ସମ୍ମାନିତ କରି ଶୁଭ କାମନା ଜଣାଇ ଥିଲେ । ବିଶିକେସନ ମାଝୀ ସମ୍ମାନ ପାଇ ଖୁସି ହୋଇ କହିଛନ୍ତି ଏହା ମୋ ପାଇଁ ଭଗବାନଙ୍କର ଉପହାର କୋଲକତାର ପଶ୍ଚିମବଙ୍ଗର ଶୋଭା ଜୀବ କଲ୍ୟାଣ ଟ୍ରଷ୍ଟକୁ ଓ ଅନୁଷ୍ଠାନର ପ୍ରତିଷ୍ଠାତା ଓ ସଭାପତି ଶାହାନି କୁମାର ସିଂହଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ।

## ସୁବର୍ଣ୍ଣ ଲୋକ ମହୋତ୍ସବର ତୃତୀୟ ଦିବସ

# ପ୍ରତିଷ୍ଠିତ କଳାକାରଙ୍କ ଲୋକ ନୃତ୍ୟରେ ଝୁମିଲେ ଅଗଣିତ ଦର୍ଶକ




**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା କଳା ସଂସ୍କୃତି ଓ ପର୍ଯ୍ୟଟନର ପ୍ରାଣ କେନ୍ଦ୍ର । ଆମ ଜିଲ୍ଲାର ସୁବର୍ଣ୍ଣ ଲୋକ ମହୋତ୍ସବ ଖୁବ୍ ନିଆରା ବୋଲି ଅତିଥିମାନେ ମତବ୍ୟକ୍ତ କରି ଲୋକମହୋତ୍ସବ ଜିଲ୍ଲାର ସାମଗ୍ରିକ ପ୍ରଗତିର ଏକ ବଳିଷ୍ଠ ମାଧ୍ୟମ ବୋଲି ସୁବର୍ଣ୍ଣ ଲୋକ ମହୋତ୍ସବ ଓ ରାଜ୍ୟ ସ୍ତରୀୟ ପଲ୍ଲୀଶ୍ରୀ ମେଳାର ତୃତୀୟ ସନ୍ଧ୍ୟା କାର୍ଯ୍ୟକ୍ରମରେ ଯୋଗଦାନ କରି ନିଜ ନିଜର ସାଂସ୍କୃତିକ ଅଭିଭାଷଣରେ କହିଛନ୍ତି । ମହୋତ୍ସବର ତୃତୀୟ ଦିବସରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକ ମହୋତ୍ସବର ପଲ୍ଲୀଶ୍ରୀ ମେଳା, ଜିଲ୍ଲା ଉନ୍ନୟନ ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ତୃତୀୟ ଦିବସରେ ସୁପାର ଠେଲା, ଅଧ୍ୟକ୍ଷା, ଜିଲ୍ଲାପରିଷଦ, ସୁବର୍ଣ୍ଣପୁର ତାମସୀ ତାମସ୍ମିତା ନାୟକ, ଅଧ୍ୟକ୍ଷା, ପୌର ପରିଷଦ, ସୋନପୁର ପ୍ରହଲ୍ଲାଦ ନାୟକ, ଅଧ୍ୟକ୍ଷ, ପଞ୍ଚାୟତ ସମିତି, ସୋନପୁର ଦୀପ୍ତିରେଖା ନନ୍ଦ, ଅଧ୍ୟକ୍ଷା, ପଞ୍ଚାୟତ ସମିତି ବିନିକା, ଶାନ୍ତିଲତା ମିଶ୍ର, ଅଧ୍ୟକ୍ଷା ପଞ୍ଚାୟତ ସମିତି ଉଲୁଣ୍ଡା, ଅହଲ୍ୟା ସାହୁ, ଅଧ୍ୟକ୍ଷା, ପଞ୍ଚାୟତ ସମିତି ଡୁଙ୍ଗୁରିପାଲି, ସରୋଜ କୁମାର କମ୍ପ, ଅଧ୍ୟକ୍ଷ ପଞ୍ଚାୟତ ସମିତି ତରଭା, ନାରାୟଣ ଲୁହା, ଉପାଧ୍ୟକ୍ଷ ପଞ୍ଚାୟତ ସମିତି ବୀରମହାରାଜପୁର, ପ୍ରମୁଖ ଯୋଗ ଦେଇଥିଲେ । କଳାକାର ପ୍ରଦ୍ୟୁମ୍ନ କୁମାର ସାହୁ ସଭା ସଂଯୋଜନା କରିଥିବା ବେଳେ ଅଧ୍ୟାପକ ସୌରଭ ରଞ୍ଜନ ଖମାରି ଧନ୍ୟବାଦ ଅର୍ପଣ କରିଥିଲେ ।





# ସହଦେବ ନାୟକ ହତ୍ୟା ଘଟଣାରେ ବିଚାର ବିଭାଗୀୟ ତଦନ୍ତ ଦାବି କଲା ବିଜେଡି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପୋଲିସ ମିତ୍ର ଓ ସଫେଇ କର୍ମଚାରୀ ସଙ୍ଘର ସଭାପତି ସହଦେବ ନାୟକଙ୍କୁ ଦିବାଲୋକରେ ବିଭତ୍ସ ହତ୍ୟାକାଣ୍ଡ ଘଟଣାରେ ପୋଲିସର ଭୂମିକା ସନ୍ଦେହ ଘେରରେ ରହିଛି ବୋଲି ଶୁକ୍ରବାର ବିଜୁ ଜନତା ଦଳ ଅଭିଯୋଗ ବାଢ଼ିବା ସହିତ ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବି କରିଛି।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ତଥା ବିଜେଡିର ମୁଖପାତ୍ର ଗୌତମବୁଦ୍ଧ ଦାସ ଓ ଦଳର ମିଡ଼ିଆ ସଂଯୋଜକ ତଥା ମୁଖପାତ୍ର ଡଃ ଲେନିନ ମହାନ୍ତି କହିଥିଲେ, ଏହି ଜଘନ୍ୟ ହତ୍ୟାକାଣ୍ଡରେ ପୋଲିସ ୫ ଜଣଙ୍କୁ ଗିରଫ କରି ଘଟଣାର ସମାଧାନ କରିଦେଇଛି ବୋଲି ଦାବି କରୁଛି, କିନ୍ତୁ ସମଗ୍ର ଘଟଣାରେ ପୋଲିସର ଭୂମିକା ସନ୍ଦେହ ଘେରରେ ରହିଛି। କେବଳ ୫ ଜଣ ଅଭିଯୁକ୍ତ ନୁହେଁ, ଏଥିରେ ସମ୍ପୃକ୍ତ ସମସ୍ତ ଷଡ଼ଯନ୍ତ୍ରକାରୀଙ୍କୁ ଧରାଯିବାର ଆବଶ୍ୟକ ରହିଛି। ଏହି ଘଟଣାରେ ନଭେମ୍ବର ମାସରେ ସହଦେବ ନାୟକ ଦେଇଥିବା ଏକ



ବୟାନର ଭିଡିଓ ପ୍ରଦର୍ଶିତ କରିଥିଲେ, ଯେଉଁଥିରେ ସହଦେବ ନାୟକଙ୍କ ଘରକୁ ପୋଲିସର ଏକ ସ୍ପେଶିଆଲ ସ୍କ୍ୱାଡ୍ ଯାଇ ତାଙ୍କ ଘରେ ବ୍ରାଉନସୁଗାର ରଖି ତାଙ୍କୁ ଫସାଇବାକୁ ଚେଷ୍ଟା କରୁଥିଲେ। ପୋଲିସ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଧମକ ଚମକ ଦେଇଥିଲା। ତାଙ୍କ ଘରେ ସିସି କ୍ୟାମେରା ଲାଗିଥିବା ଜାଣିବା ପରେ ପୋଲିସ ଏହି ଉଦ୍ୟମରୁ ନିବୃତ୍ତ ହୋଇଥିଲା।

ଭିଡିଓ ପ୍ରଦର୍ଶିତ ହେବା ପରେ ଶ୍ରୀ ଦାସ କହିଥିଲେ, ଜଣେ ପୋଲିସ ମିତ୍ରର ଘରେ ପଶି ତାକୁ ଧମକ ଚମକ ଦେବା ଓ ତା ଘରେ ବ୍ରାଉନସୁଗାର ରଖି ତାକୁ ଫସାଇବାକୁ ଉଦ୍ୟମ କରିବା କେଉଁ କାରଣ ପାଇଁ ପୋଲିସକୁ ଆବଶ୍ୟକତା ପଡ଼ିଲା? ତାଛଡ଼ା, ବ୍ରାଉନସୁଗାର ବେପାର ସମ୍ପର୍କରେ ପୋଲିସକୁ ସହାୟତା କରୁଥିବା ସହଦେବ ନାୟକଙ୍କୁ ପୋଲିସ ଫସାଇବାକୁ ଉଦ୍ୟମ କରିବା ଅର୍ଥ ବ୍ରାଉନସୁଗାର ବେପାରୀଙ୍କୁ ସହାୟତା କରିବା ସହ ସମାନ। ପୋଲିସ ବ୍ରାଉନସୁଗାର ବେପାରୀଙ୍କୁ ସହାୟତା କରିବା ଉଦ୍ଦେଶ୍ୟରେ ସହଦେବ ନାୟକଙ୍କୁ ଫସାଇବାକୁ ଚେଷ୍ଟା କରୁଥିଲା ବୋଲି ସ୍ୱାଭାବିକ ଭାବେ ସନ୍ଦେହ ଉପୁଜୁଛି।

ସେହିପରି ଡଃ ମହାନ୍ତି କହିଥିଲେ, ପୋଲିସ ଏହି ହତ୍ୟାକାଣ୍ଡରେ ବ୍ରାଉନସୁଗାର ବେପାରୀଙ୍କ ହାତ ରହିଛି ବୋଲି ସ୍ୱୀକାର କରିଛି। ଅପରପକ୍ଷରେ, ପୋଲିସର ବ୍ରାଉନସୁଗାର ବେପାରୀଙ୍କ ସହ ସମ୍ପୃକ୍ତିର ଅଭିଯୋଗ ଆସୁଛି। ସମଗ୍ର ଘଟଣାରେ ପୋଲିସର ଭୂମିକା ସନ୍ଦେହ ଘେରରେ ରହିଥିବା ବେଳେ ଏହି ଘଟଣାର ତଦନ୍ତ ଦାୟିତ୍ୱ ପୋଲିସ ହାତରେ ରହିବା ସମିଚୀନ ନୁହେଁ। ତେଣୁ ବିଜୁ ଜନତା ଦଳ ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବି କରୁଛି।

## ବିଜେଡି ପକ୍ଷରୁ ଡିଜିପିଙ୍କୁ ସ୍ମାରକପତ୍ର ପ୍ରଦାନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଝାରସୁଗୁଡ଼ା ଜିଲ୍ଲାର କିରିମିରା ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଭୋଟକୁ ନ କରାଇଦେବା ପାଇଁ ପୋଲିସ୍ ଅଗଣତାନ୍ତ୍ରିକ, ବେଆଇନ ଓ ଗଣତନ୍ତ୍ରକୁ କଣ୍ଠରୋଧ କରିବା ବିରୁଦ୍ଧରେ ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛି ବିଜେଡିର ପ୍ରତିନିଧି ମଣ୍ଡଳୀ। ଦେବୀ ମିଶ୍ରଙ୍କ ନେତୃତ୍ୱରେ ଯାଇଥିବା ପ୍ରତିନିଧି ମଣ୍ଡଳୀରେ ପ୍ରମିଳା ମଲ୍ଲିକ, ପ୍ରତାପ ଜେନା, ସଞ୍ଜୟ ଦାସବର୍ମା, ଲେଖାଶ୍ରୀ ସାମନ୍ତସିଂହାର, ଡଃ ଲେନିନ୍ ମହାନ୍ତି, ମିହିର ରାୟ, ତୁମ୍ବନାଥ ପଣ୍ଡା, ଇପସୀତା ସାହୁ ପ୍ରମୁଖ ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକଙ୍କୁ ଭେଟିଥିଲେ। ବିଜେପି ତଥା ସରକାରୀ ଦଳ ପରାଜୟ ଭୟରେ ଏଭଳି କାର୍ଯ୍ୟ କରିଛି। ପୋଲିସ୍ ସରକାରୀ ଦଳର ହାତବାରିସି ସାଜି ଏଭଳି କାର୍ଯ୍ୟ କରୁଛି । ଏହାକୁ ବିଜୁ ଜନତା ଦଳ ଦୃଢ଼ ଭାବରେ ନିନ୍ଦା କରୁଛି।

# ୧୮ତମ ପ୍ରବାସୀ ଭାରତୀୟ ଦିବସ ଅବସରରେ ଓଡ଼ିଶା ପ୍ରଦର୍ଶନୀ କକ୍ଷ ବୁଲି ଦେଖିଲେ ମୋଦି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦ ଭୁବନେଶ୍ୱର ଜନତା ମଇଦାନ ଠାରେ ଅନୁଷ୍ଠିତ ହେଉଥିବା ୧୮ତମ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀରେ ଯୋଗଦେଇ ଉପସ୍ଥିତ ସମସ୍ତ ପ୍ରବାସୀ ଭାରତୀୟ ଅତିଥି ଏବଂ ଜନସାଧାରଣଙ୍କୁ ସମ୍ବୋଧିତ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ପ୍ରଦର୍ଶନୀ କକ୍ଷ ବୁଲି ଦେଖିଥିଲେ। ପ୍ରଦର୍ଶନୀ କକ୍ଷରେ ପ୍ରାଚୀନ ଓଡ଼ିଶା ଇତିହାସ ଠାରୁ ଆରମ୍ଭ କରି ଆଧୁନିକ ଓଡ଼ିଶା ଇତିହାସ, ପାଇକ ବିଦ୍ରୋହ ଠାରୁ ନେଇ ଓଡ଼ିଶାକୁ ସ୍ୱତନ୍ତ୍ର



ପ୍ରଦେଶର ମାନ୍ୟତା ମିଳିବାର ଗୌରବମୟ ଯାତ୍ରାକୁ ଖୁବ୍ ସୁନ୍ଦର ଭାବେ ପ୍ରଦର୍ଶିତ କରାଯାଇଛି। ଓଡ଼ିଶାର କଳା, ଭାସ୍କର୍ଯ୍ୟ, ସାହିତ୍ୟ ଓ ସଂସ୍କୃତିର ଝଲକ୍ ପ୍ରଦର୍ଶନୀ କକ୍ଷରେ ଦେଖିବାକୁ ମିଳିଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିକଶିତ ଭାରତ...

ନିୟୁତ ନିୟୁତ ଲୋକ ଆପଣମାନଙ୍କୁ ଆଦର୍ଶ ମାନୁଛନ୍ତି । ବିକଶିତ ଭାରତ ନିର୍ମାଣରେ ଆପଣମାନଙ୍କ ସହଯୋଗ ଜରୁରୀ। ଭାରତ ସରକାର ଏନ୍‌ଆରଆଇମାନଙ୍କ ପାଇଁ ବହୁତ ଯୋଜନା କରିଛନ୍ତି । ପ୍ରଥମ ଥର ପାଇଁ ପୂର୍ବ ଭାରତୀୟ ରାଜ୍ୟ ଓଡ଼ିଶାରେ ଆୟୋଜିତ ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମ ପାଇଁ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପଦକ୍ଷେପକୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ପ୍ରଶଂସା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ପ୍ରବାସୀ ଓଡ଼ିଆମାନଙ୍କର ରହିଥିବା ବିଭିନ୍ନ ସମସ୍ୟା ଓ ସେମାନେ ଓଡ଼ିଶାର ବିକାଶ ପାଇଁ ଚାହୁଁଥିବା ବିଷୟଗୁଡ଼ିକ ମଧ୍ୟରେ ସମନ୍ୱୟ ରଖିବା ପାଇଁ ଓଡ଼ିଶାର ଜଣେ ମନ୍ତ୍ରୀ ସ୍ୱତନ୍ତ୍ର ଭାବେ ଦାୟିତ୍ୱରେ ରହିବେ। ପ୍ରବାସୀ ଓଡ଼ିଆମାନଙ୍କ ପାଇଁ ସ୍ୱତନ୍ତ୍ର ନୀତି ମଧ୍ୟ ପ୍ରଣୟନ କରାଯିବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏହାର ନୋଡାଲ ବିଭାଗ ଭାବେ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ, କେନ୍ଦ୍ର ସରକାରଙ୍କ ସହଯୋଗରେ ବର୍ତ୍ତମାନ ଓଡ଼ିଶାରେ ବିମାନ ଚଳାଚଳ ସେବାରେ ବୃଦ୍ଧି ଘଟିଛି । ଆଗାମୀ ଦିନରେ କୁଏତ ଏବଂ କାତାର ଭଳି ଦେଶକୁ ମଧ୍ୟ ବିମାନ ଚଳାଚଳ ପାଇଁ ମଧ୍ୟ ଆମେ ବିଚାର କରୁଛୁ। ସେ ଆହୁରି ମଧ୍ୟ କହିଥିଲେ ଯେ, ଆଜି ଓଡ଼ିଶାରେ ପ୍ରବାସୀ ଭାରତୀୟ ଦିବସ ଆୟୋଜନ ଆମକୁ ଏକ ନୂଆ ଓଡ଼ିଶା, ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସଂକଳ୍ପର ଅବସର ଆଣିଦେଇଛି । ଏହି ସମ୍ମିଳନୀ ମାଧ୍ୟମରେ ଓଡ଼ିଶାର ବିକାଶ ପାଇଁ ଡବଲ ଇଞ୍ଜିନ ସହ ତୃତୀୟ ଇଞ୍ଜିନ ଭାବେ ପ୍ରବାସୀ ଇଞ୍ଜିନ ଯୋଡ଼ି ହୋଇଛି। ମୁଖ୍ୟମନ୍ତ୍ରୀ ପୁଣି କହିଲେ ଯେ, ଓଡ଼ିଶା ଏବେ ସମୃଦ୍ଧି ପଥରେ ଅଗ୍ରସର ହେବା ପାଇଁ ଯାତ୍ରା ଆରମ୍ଭ କରିସାରିଛି । ଆପଣମାନେ ବିଭିନ୍ନ ଦେଶରେ ରହୁଛନ୍ତି । ଆପଣମାନଙ୍କ ମଧ୍ୟରେ ସଫଳ ଶିଳ୍ପପତି, ପ୍ରଫେସନାଲ ଓ ଟେକ୍ନୋକ୍ରାଟମାନେ ମଧ୍ୟ ଅଛନ୍ତି । ଏ ଯାତ୍ରାରେ ଆପଣମାନେ ସାମିଲ ହେବା ଅତ୍ୟନ୍ତ ଜରୁରୀ। ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀର ଉଦ୍‌ଯାପନୀ ଦିବସରେ ରାଜ୍ୟପାଳ ହରିବାବୁ କମ୍ଭମପତି, କେନ୍ଦ୍ରମନ୍ତ୍ରୀ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ସୁବ୍ରମଣ୍ୟମ ଜୟଶଙ୍କର, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରଜନଜାତି କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ, ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କିର୍ତ୍ତୀବର୍ଦ୍ଧନ ସିଂହ, ପବିତ୍ର ମାର୍ଗାରେଟା, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ମୋଦିଙ୍କ ପୋଡକାଷ୍ଟ...

ପୁରୁଣା ବନ୍ଧୁମାନଙ୍କୁ ମୁଖ୍ୟମନ୍ତ୍ରୀ ବାସଭବନକୁ ଡାକୁଥିଲି । ହେଲେ ମୁଁ ସେମାନଙ୍କ ସହ ମଜା କରିପାରୁ ନଥିଲି । କାରଣ ମୁଁ ସେମାନଙ୍କୁ ବନ୍ଧୁ ଭାବେ ଦେଖୁଥିବା ବେଳେ ସେମାନେ ମୋତେ ମୁଖ୍ୟମନ୍ତ୍ରୀଙ୍କ ଭଳି ବ୍ୟବହାର କରୁଥିଲେ।ମଣିଷ ମାତ୍ରେ ଭୁଲ ଉପରେ ଗୁରୁତ୍ୱ ଦେଇ ମୋଦି କହିଛନ୍ତି, ଯେତେବେଳେ ମୁଁ ମୁଖ୍ୟମନ୍ତ୍ରୀ ହୋଇଥିଲି ସେତେବେଳେ ଗୋଟିଏ ଭାଷଣରେ କହିଥିଲି ଯେ ମୁଁ କେବେ ହେଲେ ମୋ ତରଫରୁ ଉଦ୍ୟମରେ ଅବହେଳା କରିବି ନାହିଁ । ଦ୍ୱିତୀୟତଃ ମୁଁ କହିଥିଲି ଯେ ମୁଁ କେବେ ହେଲେ ମୋ ପାଇଁ କିଛି କରିବି ନାହିଁ। ତୃତୀୟରେ କହିଥିଲି, ମୁଁ ମଣିଷ, ମୁଁ ମଧ୍ୟ ଭୁଲ କରିପାରେ। କିନ୍ତୁ ମୁଁ କେବେ ହେଲେ ଖରାପ ଉଦ୍ଦେଶ୍ୟ ରଖି ଭୁଲ କରିବି ନାହିଁ । ଏସବୁକୁ ମୁଁ ମୋ ଜୀବନର ମନ୍ତ୍ର କରିଛି ।ଭୁଲ କରିବା ସ୍ୱାଭାବିକ ଘଟଣା । ସର୍ବୋପରି ମୁଁ ମଣିଷ, ମୁଁ ଭଗବାନ ନୁହେଁ। କିନ୍ତୁ ମୁଁ କେବେ ହେଲେ ଜାଣିଶୁଣି ଭୁଲ କରିବି ନାହିଁ।

## ନାରୀ ଶକ୍ତି – ଏକ ରକେଟ...

ଯୋଜନା ଅନ୍ତର୍ଗତ ୧୦୦ ନିୟୁତରୁ ଊର୍ଦ୍ଧ୍ୱ ଧୂଆଁମୁକ୍ତ ପାକଶାଳା, ୪୦ ନିୟୁତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କ ମଧ୍ୟରେ ୭୨ % ମହିଳା ଥିବା ସେ ପ୍ରକାଶ କରିଥିଲେ। ମହିଳା ସଶକ୍ତିକରଣ ସହିତ ମହିଳା ନେତୃତ୍ୱ ଦ୍ୱାରା ବିକାଶକୁ ସେ ଗୁରୁତ୍ୱ ପ୍ରଦାନ କରିଥିଲେ । ବିଭିନ୍ନ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଆଦର୍ଶ ମହିଳା ପ୍ରବାସୀମାନଙ୍କୁ ସେ ପ୍ରଶଂସା କରିବା ସହ ସେମାନଙ୍କ ଉପଲବ୍ଧି ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ହୋଇପାରିବ ବୋଲି ସେ ଉଲ୍ଲେଖ କରିଥିଲେ । ଜି-୨୦ ସମ୍ମେଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହିଳାମାନଙ୍କ ଦକ୍ଷତା ବୃଦ୍ଧି ସୁନିଶ୍ଚିତ କରିବା ପାଇଁ ଭବିଷ୍ୟତରେ ଏହି ବିଶ୍ୱ ସମ୍ମିଳନୀକୁ ଏକ ମଞ୍ଚ ଭାବେ ବ୍ୟବହାର କରିବା ପାଇଁ ଆହ୍ୱାନ ଦେଇଥିବା ସେ ସ୍ମରଣ କରିଥିଲେ । ଇସ୍ରୋର ବୈଜ୍ଞାନିକ ତଥା ଭାରତର ରକେଟ୍ ମହିଳା ଭାବେ ପରିଚିତ ଡ. ରିତୁ କରିଧାଲଙ୍କ ସଂଚାଳନରେ ଅନୁଷ୍ଠିତ ଏହି ଅଧିବେଶନରେ ଜାମାଇକା ପ୍ରୋମୋଶନସ୍ କର୍ପୋରେସନର ଅଧ୍ୟକ୍ଷା ଶୁଲ୍ଲେଟ୍ କକ୍ସ, ପିଟି ଇନଫୋଟେକ ସଲ୍ୟୁସନର ନିର୍ଦ୍ଦେଶିକା ଓ ସହ ସତ୍ତ୍ୱାଧିକାରିଣୀ, ଜାକର୍ତ୍ତାର ଇଣ୍ଡୋଇଣ୍ଡିଆନ୍ସ ଡଟ୍ କମ୍ ର ସଂସ୍ଥାପିକା, ଇଣ୍ଡୋନେସିଆ ଇଣ୍ଡିଆ ବିଜନେସ୍ ଫୋରମ (ଆଇଆଇବିଏଫ)ର ଅଧ୍ୟକ୍ଷା ତଥା ଅନ୍ତଃରାଷ୍ଟ୍ରୀୟ ମହିଳାଙ୍କ ଔଦ୍ୟୋଗିକ ସମସ୍ୟାର ବୈଶ୍ୱିକ ରାଜଦୂତ ପୁନମ ସାଗର, ତାଞ୍ଜାନିଆରେ ବିବିଧ କମ୍ପାନୀସମୂହର ପ୍ରତିଷ୍ଠାତ୍ରୀ, ଖ୍ୟାତନାମା ଉଦ୍ୟୋଗପତି ତଥା ବିଶିଷ୍ଟ ସାମାଜିକ କର୍ମୀ ସୁଦ୍ଧା ମାଜିଥିଆ, ପ୍ରଥମ ମହିଳା ପଣ୍ଡିତ ଭାବେ ପରିଚିତା ବିଶିଷ୍ଟ ଶିକ୍ଷା, ସଂସ୍କୃତି ଏବଂ ନାରୀଶକ୍ତି କର୍ମୀ, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ- ତ୍ରିନିଦାଦ ଓ ଟୋବାଗୋର ପ୍ରାଧ୍ୟାପିକା ଡ. ଇନ୍ଦ୍ରାଣୀ ରାମ ପରସାଦ, ଅଦିଶ ଅବାବାର ଅନେକ ସମାଜ କଲ୍ୟାଣ ପ୍ରକଳ୍ପର ଅନୁଭବ ତଥା ବନ୍ୟା ପ୍ରଶମନ ଏବଂ ଭିନ୍ନ ଭିନ୍ନ ଟିମଙ୍କ ସହବନ୍ଧନରେ ପର୍ଯ୍ୟଟନ ସ୍ଥଳୀ ପୁନରୁଦ୍ଧାର ସଂପର୍କିତ ଅଭିଜ୍ଞତା ରଖିଥିବାମୈତ୍ରୀ ଯୋଶୀ, ଦୋହା ମାର୍କେଟରେ ଅଭିନବ ବ୍ୟବସାୟିକ ଅନୁଭବ ସହ ବଳିଷ୍ଠ ଲୋକସମ୍ପର୍କ ଦକ୍ଷତା ଥିବା ସକଲା ଆପ୍ପାଚ୍ୟୁ ଦେବ୍ରାଜ୍, ଭାରତର ସମୃଦ୍ଧ ହସ୍ତଶିଳ୍ପକୁ ବିଦେଶରେ ଅନେକ ବିକ୍ରୟସ୍ଥଳ ଶୃଙ୍ଖଳର ସ୍ୱତ୍ୱାଧିକାରିଣୀ ଥିବା ଶ୍ଲୋଭେନିଆର କୋକି ଭେବେର, ନରୱେର ସେଣ୍ଟର ଫର ଡାଇଭର୍ସିଟି ଲିଡରଶିପ "ସୀମା"ର ପ୍ରତିଷ୍ଠାତା ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ଲଭଲିନ ବ୍ରେନ୍ନା ପ୍ରମୁଖ ଉକ୍ତ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରି ନିଜ ନିଜର ଅନୁଭବ ଏବଂ ମୂଲ୍ୟବାନ ମତ ରଖିଥିଲେ ।

## ଅବିଭକ୍ତ ଭାରତ...

ପ୍ରକାରର ପ୍ରତିକ୍ରିୟା ଦେଇନାହାନ୍ତି। ପାଣିପାଗ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଢାକା ନିମନ୍ତ୍ରଣ ଅନୁସାରେ ଆସିବାକୁ ନିଶ୍ଚିତ କଲେ, ଏହା ଏକ ଐତିହାସିକ ମୁହୂର୍ତ୍ତରେ ପରିଣତ ହେବ। ଆଇଏମଡିର ପ୍ରତିଷ୍ଠା ବେଳେ ଯେଉଁମାନେ ଅଂଶବିଶେଷ ଥିଲେ, ଏବେ ସେସବୁ ଦେଶର ଅଧିକାରୀମାନେ କାର୍ଯ୍ୟକ୍ରମରେ ଯୋଗ ଦିଅନ୍ତୁ ବୋଲି ଆମେ ଚାହୁଁଛୁ। ଆଇଏମଡିର ୧୫୦ ବର୍ଷ ପୂର୍ତ୍ତିକୁ ଅଧିକ ସ୍ମରଣୀୟ କରିବା ପାଇଁ ଭାରତ ସରକାରଙ୍କ ଏକାଧିକ ମନ୍ତ୍ରଣାଳୟ ଲାଗି ପଡ଼ିଛନ୍ତି। କାର୍ଯ୍ୟକ୍ରମ ସମୟରେ ଅର୍ଥ ମନ୍ତ୍ରଣାଳୟ ସ୍ୱତନ୍ତ୍ର ଭାବେ ୧୫୦ ଟଙ୍କିଆ ମୁଦ୍ରା ଜାରି କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସାଧାରଣତନ୍ତ୍ର ଦିବସରେ ସ୍ୱତନ୍ତ୍ର ପ୍ରଜ୍ଞାପନ ମେଢକୁ ଅନୁମତି ଦେବାକୁ ଚାହୁଁଥିବା ଜଣାପଡ଼ିଛି। ୧୮୭୫ ମସିହା ଜାନୁଆରୀ ୧୫ରେ ଭାରତୀୟ ପାଣିପାଗ ବିଭାଗ ସ୍ଥାପନ ହୋଇଥିଲା। ତେବେ ଏହାର ବହୁ ପୂର୍ବରୁ ପାଣିପାଗ ସମ୍ପର୍କରେ ତଥ୍ୟ ପାଇଁ ବିଭିନ୍ନ ମେସିନ ସ୍ଥାପନ କରାଯାଇଥିଲା। ପ୍ରଥମ ପାଣିପାଗ ଆକଳନ ମେସିନ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ପକ୍ଷରୁ ପ୍ରତିଷ୍ଠା ହୋଇଥିଲା। ୧୭୮୫ରେ କାଲକାଟା, ୧୭୯୬ରେ ମାଡ୍ରାସ ଓ ୧୮୨୬ରେ ବମ୍ବେ ରେ ପାଣିପାଗ ଆକଳନ ପାଇଁ ଆବଶ୍ୟକ ମେସିନ ପ୍ରତିଷ୍ଠା ହୋଇଥିଲା। ୧୮୬୪ରେ କାଲକାଟାରେ ଭୟଙ୍କର ବାତ୍ୟା ହେବାରୁ ୧୮୭୫ରେ ଭାରତୀୟ ପାଣିପାଗ ବିଭାଗ ବିଧିବଦ୍ଧ ଭାବେ ସ୍ଥାପନ ହୋଇଥିଲା । ଏହାପୂର୍ବରୁ ୧୮୬୬ ଓ ୧୮୭୧ରେ ମୌସୁମୀ ଫେଲ ମାରିବା ବିରାଟ କ୍ଷତି ପହଞ୍ଚାଇଥିଲା। ୧୮୭୫ରୁ ଆଇଏମଡିର ମୁଖ୍ୟାଳୟ କାଲକାଟାରେ ରହିଥିଲା। ୧୯୦୫ରେ ଏହା ପ୍ରଥମେ ଶିମଲା ଓ ୧୯୨୮ରେ ମୁଖ୍ୟାଳୟ ପୁଣେକୁ ସ୍ଥାନାନ୍ତର ହୋଇଥିଲା। ୧୯୪୪ରୁ ଆଜି ଯାଏ ଆଇଏମଡିର ମୁଖ୍ୟାଳୟ ଦିଲ୍ଲୀରେ ରହିଛି।

## ପ୍ରବାସୀ ଭାରତୀୟ ...

ଫୋକସ କରାଯାଇଛି। ମୁଖ୍ୟତଃ ଏହି ତିନୋଟି କ୍ଷେତ୍ରରେ ବିକାଶ ପାଇଁ ବିପୁଳ ସମ୍ଭାବନା ଓ ସୁଯୋଗ ରହିଥିବାରୁ ପ୍ରବାସୀ ଭାରତୀୟମାନେ ପୁଞ୍ଜିନିବେଶ କରିବାର ଆବଶ୍ୟକତା ରହିଛି ଏବଂ ଏଥିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ମଧ୍ୟ ନିଆଯାଉଛି। ଓଡ଼ିଶାରେ ମଧ୍ୟ ଐତିହ୍ୟ ଓ ପର୍ଯ୍ୟଟନର ବିକାଶ କ୍ଷେତ୍ରରେ ବିପୁଳ ସମ୍ଭାବନା ରହିଥିବାରୁ ପ୍ରବାସୀମାନେ ଏହାର ସୁଯୋଗ ନେବା ଉଚିତ। ପ୍ରବାସୀ ଭାରତୀୟଙ୍କ ସୁରକ୍ଷା ଓ ନିରାପତ୍ତାକୁ ବୈଦେଶିକ ମନ୍ତ୍ରଣାଳୟ ପ୍ରାଥମିକତା ଦେଇ ଆସୁଛି। କୌଣସି ଠାରେ ସମସ୍ୟା ଦେଖାଦେଲେ ତାହାର ସମାଧାନ ପାଇଁ ମନ୍ତ୍ରଣାଳୟ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଉଛି। ସେ କହିଥିଲେ ଯେ, ଆଗାମୀ ଦିନରେ ହେବାକୁ ଥିବା ଉତ୍କର୍ଷ ଓଡ଼ିଶା ବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରେ ଓଡ଼ିଶାରେ ପୁଞ୍ଜିନିବେଶ ବାବଦରେ ଆଲୋଚନା କରାଯାଇ ନିଷ୍ପତ୍ତି ଗ୍ରହଣ କରାଯିବ। ସେ କହିଥିଲେ ଯେ, ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ପ୍ରବାସୀ ଯୁବ ଭାରତୀୟମାନଙ୍କ ପାଇଁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ୨୧ବର୍ଷରୁ ୩୫ ବର୍ଷ ବୟସ୍କ ଯୁବକମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଦକ୍ଷ କରିବା ଲାଗି ସ୍ୱତନ୍ତ୍ର ଭାବେ ବୈଦେଶିକ ମନ୍ତ୍ରଣାଳୟ ବିଶେଷ କାର୍ଯ୍ୟକ୍ରମ ଗ୍ରହଣ କରିଛି। ମୁଖ୍ୟଶାସନ ସଚିବ ମନୋଜ ଆହୁଜା ଓଡ଼ିଶାରେ ପ୍ରଥମଥର ପାଇଁ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ଆୟୋଜନ କରିବାର ସୁଯୋଗ ମିଳିଥିବାରୁ ପ୍ରଧାନମନ୍ତ୍ରୀ ଓ ବୈଦେଶିକମନ୍ତ୍ରୀଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଧନ୍ୟବାଦ ଜଣାଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପ୍ରମୁଖ ସଚିବ ସଞ୍ଜୟ ସିଂହ ଏବଂ ନିର୍ଦ୍ଦେଶକ ସରୋଜ କୁମାର ସାମଲ ଉପସ୍ଥିତ ଥିଲେ।

## ହେଲେ ପ୍ରଧାନମନ୍ତ୍ରୀ ...

କରିବ। ଆର୍ଜେଣ୍ଟିନା ରାଷ୍ଟ୍ରପତି ଜାଭିୟର ମିଲି, ହଙ୍ଗେରୀ ପ୍ରଧାନମନ୍ତ୍ରୀ ଭିକ୍ଟର ଅରବାନ ଏବଂ ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନିଙ୍କ ଭଳି ବିଶ୍ୱ ନେତାମାନେ ଟ୍ରମ୍ପଙ୍କୁ ସମର୍ଥନ କରୁଥିଲେ। ନଚେତ ତାଙ୍କୁ ସାକ୍ଷାତ କରୁଥିଲେ। ମୋଦିଙ୍କ ସହ ଏକ ସାକ୍ଷାତ ଟ୍ରମ୍ପଙ୍କ ସମର୍ଥକ ଏବଂ ଆମେରିକାର ସାଧାରଣ ଜନତାଙ୍କ ପାଇଁ ଏକ ବଡ଼ ବାର୍ତ୍ତା ଦେଇଥାନ୍ତା। ଯେତେବେଳେ ଟ୍ରମ୍ପ ମୋଦିଙ୍କୁ ଭେଟିବାକୁ ଇଚ୍ଛା ପ୍ରକାଶ କଲେ, ଭାରତୀୟ କୂଟନୀତିଜ୍ଞଙ୍କ ସମ୍ମୁଖରେ ଏକ କଠିନ ପ୍ରଶ୍ନ ଉଠିଥିଲା ।୨୦୧୯ ମସିହାରେ ହାଓଡି ମୋଦି କାର୍ଯ୍ୟକ୍ରମ ସମୟରେ ଟ୍ରମ୍ପଙ୍କ ପରୋକ୍ଷ ନିର୍ବାଚନୀ ନେତୃତ୍ୱକୁ ଏକ କୂଟନୈତିକ ଭୁଲ ବୋଲି ବିବେଚନା କରାଯାଇଥିଲା। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି ଯେ ଆମେରିକାର ରାଷ୍ଟ୍ରପତି ପ୍ରାର୍ଥୀମାନଙ୍କଠାରୁ ଦୂରତା ବଜାୟ ରଖିବା ଭାରତ ହିତରେ ହେବ। ଯଦି ମୋଦି ଟ୍ରମ୍ପଙ୍କୁ ଭେଟିଥାନ୍ତେ ଏବଂ କମଳା ହାରିସ ନିର୍ବାଚନରେ ଜିତିଥାନ୍ତେ, ତେବେ ଏହା ଭାରତ-ଆମେରିକା ସମ୍ପର୍କରେ ନକାରାତ୍ମକ ପ୍ରଭାବ ପକାଇପାରିଥାନ୍ତା ଏହି କାରଣରୁ ମୋଦି ଟ୍ରମ୍ପଙ୍କୁ ଭେଟି ନ ଥିଲେ। ମୋଦିଙ୍କ ସହ ସାକ୍ଷାତ ତାଙ୍କୁ ନିର୍ବାଚନରେ ଫାଇଦା ଦେଇପାରିଥାନ୍ତା ବୋଲି ଟ୍ରମ୍ପ ଅସନ୍ତୁଷ୍ଟ ଥିଲେ। କିନ୍ତୁ ଭାରତ ଏହାକୁ ଏଡ଼ାଇ ଯାଇଥିଲା। ତଥାପି, ଟ୍ରମ୍ପ ନିର୍ବାଚନରେ ଜିତିଥିଲେ ଏବଂ ଏବେ ସେ ପୁଣି ଥରେ ରାଷ୍ଟ୍ରପତି ଭାବରେ ଶପଥ ନେବାକୁ ଯାଉଛନ୍ତି । ଟ୍ରମ୍ପ ଶପଥ ଗ୍ରହଣ ସମାରୋହ ପାଇଁ ପ୍ରାୟତଃ ସେହି ନେତାମାନଙ୍କୁ ନିମନ୍ତ୍ରଣ କରିଛନ୍ତି ଯେଉଁମାନେ ଆଦର୍ଶଗତ ଭାବରେ ତାଙ୍କ ନିକଟତର କିମ୍ବା ଖୋଲାଖୋଲି ଭାବରେ ତାଙ୍କୁ ସମର୍ଥନ କରିଛନ୍ତି। ଚାଇନା ସହିତ ସମ୍ପର୍କ ବିଗିଡ଼ିବାକୁ ଦୃଷ୍ଟିରେ ରଖି ଟ୍ରମ୍ପ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ବିଶେଷ ଭାବରେ ନିମନ୍ତ୍ରଣ କରିଛନ୍ତି। ଯଦିଓ ଜିନପିଙ୍ଗ ତାଙ୍କର ଜଣେ ବରିଷ୍ଠ ପ୍ରତିନିଧିଙ୍କୁ ପଠାଇବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କୁ ନିମନ୍ତ୍ରଣ କରାଯିବ ନାହିଁ ବୋଲି କଳ୍ପନାଜଳ୍ପନା ମଧ୍ୟରେ, ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଡିସେମ୍ବର ଶେଷ ଭାଗରେ ଆମେରିକା ଗସ୍ତ କରିଥିଲେ। ସେ ଟ୍ରମ୍ପ ପ୍ରଶାସନର ପରିବର୍ତ୍ତିତ ଟିମ ଏବଂ ଅନ୍ୟାନ୍ୟ ଉଚ୍ଚ ପଦାଧିକାରୀଙ୍କୁ ଭେଟିଥିଲେ । ଭାରତ ସରକାର ସ୍ପଷ୍ଟ କରିଥିଲେ ଯେ ଏହି ଗସ୍ତ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଥିଲା। ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ କହିଛନ୍ତି ବୈଦେଶିକ ମନ୍ତ୍ରୀଙ୍କ ୱାଶିଂଟନ ଡିସି ଗସ୍ତର ଉଦ୍ଦେଶ୍ୟ ଥିଲା ଗତ କିଛି ବର୍ଷ ମଧ୍ୟରେ ଭାରତ-ଆମେରିକା ବ୍ୟାପକ ବିଶ୍ୱ ରଣନୈତିକ ସହଭାଗୀତାରେ ହୋଇଥିବା ପ୍ରଗତି ସମୀକ୍ଷା କରିବା। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଭାରତରୁ କେହି କେବେ ରାଷ୍ଟ୍ରପତିଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେଇ ନାହାନ୍ତି । ଆମର ଲକ୍ଷ୍ୟ ହେଉଛି ଆମେରିକାର ଉଭୟ ଦଳ ଡେମୋକ୍ରାଟ ଏବଂ ରିପବ୍ଲିକାନ ସହିତ ସମାନ ସମ୍ପର୍କ ବଜାୟ ରଖିବା। ଭାରତ ସର୍ବଦା ନିଶ୍ଚିତ କରିଆସିଛି ଯେ ଆମେରିକା ସହିତ ଏହାର ସମ୍ପର୍କ କୌଣସି ଗୋଟିଏ ରାଜନୈତିକ ଦଳ ପର୍ଯ୍ୟନ୍ତ ସୀମିତ ନୁହେଁ । ଟ୍ରମ୍ପ ଏବଂ ମୋଦିଙ୍କ ମଧ୍ୟରେ ସମ୍ପର୍କ ଭଲ ଥିଲେ ମଧ୍ୟ ଭାରତ ତାର କୂଟନୈତିକ ସନ୍ତୁଳନ ବଜାୟ ରଖିବାକୁ ନିଷ୍ପତ୍ତି ନେଇଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗ ନ ଦେବାର କୌଣସି ଦୀର୍ଘକାଳୀନ ପ୍ରଭାବ ପଡ଼ିବ ନାହିଁ । ହ୍ୱାଇଟ ହାଉସରେ ଟ୍ରମ୍ପ ଥାଆନ୍ତୁ କିମ୍ବା ଅନ୍ୟ କେହି, ଭାରତ-ଆମେରିକା ସମ୍ପର୍କ ଦୃଢ଼ ରହିବ। ତଥାପି, ଏହି ଘଟଣା ଏକ ସୂଚକ ଯେ ଭାରତ ଏହାର ବୈଦେଶିକ ନୀତିକୁ ବିଶ୍ୱ ଏବଂ ଦୀର୍ଘକାଳୀନ ଦୃଷ୍ଟିକୋଣରୁ ଦେଖୁଛି।

## ତେଲେଙ୍ଗାନାରେ ...

ହୋଇଯାଇଥିଲା। ଫଳରେ ବସ୍‌ରେ ଥିବା ୪ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ । ଆହତଙ୍କୁ ସୂର୍ଯ୍ୟାପେଟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଚକିତ୍ସାଧୀନ ଅବସ୍ଥାରେ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ଅନ୍ୟ ୨୦ ଆହତଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ଥିବା ସୂଚନା ମିଳିଛି।

## ବିବାହ ବିଚ୍ଛେଦ...

ହୋଇଥିଲେ ସ୍ତ୍ରୀ। ହାଇକୋର୍ଟ ସ୍ତ୍ରୀଙ୍କ ଆବେଦନକୁ ଗ୍ରହଣ ମଧ୍ୟ କରିଥିଲେ। ଫ୍ୟାମିଲି କୋର୍ଟଙ୍କ ରାୟକୁ ଖାରଜ କରିଦେଇଛନ୍ତି ହାଇକୋର୍ଟ । ସାନି ଶୁଣାଣି କରି ୬ ମାସରେ ଫଇସଲା କରିବେ ବାଲେଶ୍ୱର ପରିବାର ଅଦାଲତ।

## ସମଲିଙ୍ଗୀ ବିବାହ...

ବିଆର ଗବାଇ, ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ବିଭି ନାଗରତ୍ନା, ଜଷ୍ଟିସ ପିଏସ ନରସୀମା ଓ ଜଷ୍ଟିସ ଦୀପଙ୍କର ଦତ୍ତାଙ୍କ ଖଣ୍ଡପୀଠ ଚ୍ୟାମ୍ବର ମଧ୍ୟରେ ରିଭ୍ୟୁ ପିଟିସନ ଗୁଡ଼ିକୁ ଯାଞ୍ଚ କରିଥିଲେ । ଏହାର ଓପନ କୋର୍ଟ ଶୁଣାଣିର ଆବଶ୍ୟକ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ଗତବର୍ଷ ଜୁଲାଇ ମାସରେ ଆବେଦନକାରୀ ରିଭ୍ୟୁ ପିଟିସନର ଶୁଣାଣି ଓପନ କୋର୍ଟ ରୁମରେ କରିବାକୁ ନିବେଦନ କରିଥିଲେ। ଜଷ୍ଟିସ ଏସକେ କୌଲ, ଜଷ୍ଟିସ ଏସ ରବୀନ୍ଦ୍ର ଭଟ୍ଟ, ପ୍ରଧାନ ବିଚାରପତି ଜଷ୍ଟିସ ଚନ୍ଦ୍ରଚୂଡ଼ ଓ ଜଷ୍ଟିସ ହେମା କୋହଲି ଅବସର ନେବାକୁ ନୂଆ ଖଣ୍ଡପୀଠ ଗଠନ ହୋଇଥିଲା।

# ୯ଟି ନୂତନ ମାର୍ଗରେ ୧୩ଟି ବସ୍ ସେବାର ଶୁଭାରମ୍ଭ କଲେ ପରିବହନ ମନ୍ତ୍ରୀ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଏସ୍ଆରଟିସି ଦ୍ୱାରା ପରିଚାଳିତ ହେବାକୁ ଥିବା ୯ଟି ନୂତନ ମାର୍ଗରେ ୧୩ଟି ବସ୍ ସେବାର ଶୁଭାରମ୍ଭ ହୋଇଛି । ବାଣିଜ୍ୟ ଓ ପରିବହନ ବିଭାଗର ମନ୍ତ୍ରୀ ବିଭୁତି ଭୂଷଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭର୍ଚ୍ୟୁଆଲ ମୋଡ୍‌ରେ ଏହାର ଶୁଭ ଉଦ୍‌ଘାଟନ କରିଛନ୍ତି।

ଏହି ନୂତନ ବସ୍ ସେବା ସିଦ୍ଧ ଭୈରବୀ, ଗଣିଆ (କଣ୍ଟିଲୋ), କୋଟପାଡ଼, ଯୋରନ୍ଦା ଏବଂ ପାରଳାଖେମୁଣ୍ଡିକୁ ପୁରୀ ସହ ସଂଯୋଗ କରିବ। ସେହିପରି ଇନ୍ଦ୍ରାବତୀ ଓ ବ୍ରହ୍ମପୁରକୁ ଭୁବନେଶ୍ୱର ସହ, କୁନ୍ଦୁରାକୁ କଟକ ସହ ଏବଂ ବ୍ରହ୍ମପୁରକୁ ରାଉରକେଲା ସହ ସିଧାସଳଖ ସଂଯୋଗ କରିବ। ଏହାଦ୍ୱାରା ଓଡ଼ିଶା ତଥା ଆଭ୍ୟନ୍ତରଣ ଅଞ୍ଚଳରେ ବସବାସ କରୁଥିବା ଲୋକମାନେ ଗମନାଗମନ ପାଇଁ ଏକ ସୁଲଭ ଏବଂ ଆରାମଦାୟକ ସେବା ପାଇପାରିବେ। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଏହି ଅବସରରେ କହିଛନ୍ତି ଯେ, "ରାଜ୍ୟର ପ୍ରତ୍ୟେକ କୋଣ ଅନୁକୋଣରେ ମୌଳିକ ଜନସାଧାରଣ ପରିବହନ ଭିତ୍ତିଭୂମି ବିକାଶ ସହିତ, ଆମର ଲକ୍ଷ୍ୟ ହେଉଛି ଲୋକଙ୍କ ଜୀବନରେ ଏକ ସକରାତ୍ମକ ପରିବର୍ତ୍ତନ ଆଣିବା, ଯାହାଦ୍ୱାରା ସେମାନେ ରାଜ୍ୟ ସରକାରଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଏହି ଉତ୍କୃଷ୍ଟ ସୁଯୋଗର ସଦୁପଯୋଗ କରିପାରିବେ। ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଶିକ୍ଷା, କୃଷି, ଶିଳ୍ପ କ୍ଷେତ୍ରରେ ବିକାଶ କରିବା ଆମର ମୁଖ୍ୟ ଲକ୍ଷ୍ୟ ।"

ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ବିଧାୟକ ନବରଙ୍ଗପୁର, କୋଟପାଡ ଏବଂ ଖଣ୍ଡପଡ଼ା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଦିପ୍ତେଶ ପଟ୍ଟନାୟକ ଏବଂ ପରିବହନ କମିଶନ ଅମିତାଭ ଠାକୁରଙ୍କ ସହିତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଉତ୍କଳ ଆଲୁମିନା ପକ୍ଷରୁ ରକ୍ତଦାନ ଶିବିର : ୫୮ ୟୁନିଟ୍ ରକ୍ତ ସଂଗ୍ରହ

**ରାୟଗଡ଼ା/ଟିକିରି, ନ୍ୟୁଜ୍‌ବ୍ୟୁରୋ**

ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକର ଟିକିରି ନିକଟସ୍ଥ ନୂଆପଡ଼ାସ୍ଥିତ ଉତ୍କଳ ଆଲୁମିନା କ୍ଲବ ହାଉସ୍‌ରେ ଶୁକ୍ରବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୫୮ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଏହି ରକ୍ତଦାନ ଶିବିରକୁ ଉତ୍କଳ ଆଲୁମିନା କମ୍ପାନୀର ୟୁନିଟ୍ ହେଡ୍ ରବି ନାରାୟଣ ମିଶ୍ର, ଟିକିରି ସରପଞ୍ଚ ଜଗବନ୍ଧୁ ମାଝୀ, କୁଚେଇ ପଦର ସରପଞ୍ଚ ବାଙ୍ଗାରି ଦିଶାରୀ, ହାଡ଼ିଗୁଡ଼ା ସରପଞ୍ଚ ଯଦୁମଣି ମାଝୀ ପ୍ରମୁଖ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଏହାପରେ ରକ୍ତଦାନ ଶିବିର ଆରମ୍ଭ ହୋଇଥିଲା। ପ୍ରଥମେ ହିଣ୍ଡାଲକୋ କ୍ଲଷ୍ଟର ସିଏସଆର ମୁଖ୍ୟ ଶିବଶଙ୍କର ମହାପାତ୍ର, ଉତ୍କଳ ଆଲୁମିନା କମ୍ପାନୀର ୟୁନିଟ୍ ହେଡ୍ ରବି ନାରାୟଣ ମିଶ୍ର ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ଏହାର ଶୁଭାରମ୍ଭ କରିଥିଲେ। ଏହି ରକ୍ତଦାନ ଶିବିରରେ କମ୍ପାନୀର ମାନବ ସମ୍ବଳ ବିଭାଗର ମୁଖ୍ୟ ବିଜୟ କୁମୁରା, ବାଫଲାମାଳି ଖଣି ପରିଚାଳକ ମୁଖ୍ୟ ବିଜୟ ଚୌହ୍ୱାନ, ଉତ୍କଳ ଆଲୁମିନା ୟୁନିଟ୍ ହେଡଙ୍କ ପତ୍ନୀ ପ୍ରଭାମୟୀ ମିଶ୍ର, କୁଚେଇପଦର ସରପଞ୍ଚ ବାଙ୍ଗାରି ଦିଶାରୀ, କମ୍ପାନୀର ସୁରକ୍ଷା ବିଭାଗ ମୁଖ୍ୟ କର୍ଣ୍ଣେଲ ପ୍ରରମଜିତ୍ ବାଜୱା ପ୍ରମୁଖ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଏହି ରକ୍ତଦାନ ଶିବିରରେ ୫୮ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ରାୟଗଡ଼ା ରକ୍ତ ଭଣ୍ଡାରର ଡାକ୍ତର ଗୌତମ ପଟ୍ଟନାୟକ, କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଜନ୍ମେଞ୍ଜୟ ଦାସ ଓ ରାୟଗଡ଼ା ରକ୍ତ ଭଣ୍ଡାରର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଏହି ରକ୍ତଦାନ ଶିବିରକୁ ଉତ୍କଳ ଆଲୁମିନା କମ୍ପାନୀର ସିଏସଆର ମୁଖ୍ୟ ଲୋପାମୁଦ୍ରା ମିଶ୍ର, କମ୍ପାନୀର ଲୋକ ସମ୍ପର୍କ ଅଧିକାରୀ ପିତାମ୍ବର ବେହେରା, କମ୍ପାନୀର ଉପସଭାପତି ଉତ୍ତମ ଗିରି, ସୁବାସ ଚନ୍ଦ୍ର ନାୟକ, ଗଜେନ୍ଦ୍ର ନାୟକ, କାର୍ତ୍ତିକ ସାହୁ, ସୌମ୍ୟ ସ୍ୱାଇଁ, ସତ୍ୟଭାମା ନାୟକ, ମୌସୁମୀ ଦାସ, ସୁସ୍ମିତା ଖୋସଲା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ।

## ସମଲିଙ୍ଗୀ ବିବାହକୁ ନେଇ ସୁପ୍ରିମକୋର୍ଟଙ୍କ ରାୟ : ପୁନର୍ବିଚାର ଆବେଦନକୁ କଲେ ଖାରଜ



**ନୂଆଦିଲ୍ଲୀ**

ସମଲିଙ୍ଗୀ ବିବାହକୁ ନେଇ ସୁପ୍ରିମକୋର୍ଟଙ୍କ ବଡ଼ ରାୟ । ପୁନଃ ସମୀକ୍ଷା କରିବାକୁ ହୋଇଥିବା ଏକାଧିକ ଆବେଦନକୁ ଖାରଜ କଲେ ସୁପ୍ରିମକୋର୍ଟ । ତେବେ ପୂର୍ବରୁ ସମଲିଙ୍ଗୀ ବିବାହକୁ ଆଇନଗତ ମାନ୍ୟତା ଦେବାକୁ ମନା କରି ଦେଇଥିଲେ । ତେବେ ୨୦୨୩ରେ ସର୍ବୋଚ୍ଚ ନ୍ୟାୟାଳୟ ଏହାକୁ ମନା କରିଦେଇଥିଲେ । ପୂର୍ବରୁ ସୁପ୍ରିମକୋର୍ଟ ଐତିହାସିକ ରାୟରେ କହିଥିଲେ, ସମଲିଙ୍ଗୀ ବିବାହକୁ ଆଇନଗତ ମାନ୍ୟତା ଦେବା ପାଇଁ ସମ୍ବିଧାନରେ କୌଣସି ବ୍ୟବସ୍ଥା ନାହିଁ । ପୂର୍ବ ରାୟ ଉପରେ ପୁନର୍ବିଚାର କରିବାକୁ ସୁପ୍ରିମକୋର୍ଟରେ ଏକ ଆବେଦନ ହୋଇଥିଲା। ହେଲେ ଏବେ ଏହାକୁ ଖାରଜ କରିଦେଇଛନ୍ତି ସର୍ବୋଚ୍ଚ ଅଦାଲତ । ପୂର୍ବର ନିଷ୍ପତ୍ତି ଠିକ ରହିଥିଲା, ତେଣୁ ସେଥିରେ ହସ୍ତକ୍ଷେପ କରିବାର କୌଣସି କାରଣ ନାହିଁ ବୋଲି ରିଭ୍ୟୁ ପିଟିସସନକୁ ଖାରଜ କରିଦେଇଛନ୍ତି । ବିଚାରପତି ବି.ଆର. ଗଭଇ, ସୂର୍ଯ୍ୟକାନ୍ତ, ବି.ଭି. ନାଗାରତ୍ନା, ପି.ଏସ. ନରସିଂହ ଏବଂ ଦୀପଙ୍କର ଦତ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ଚାମ୍ବରରେ ଆବେଦନ ଗୁଡ଼ିକର ସମୀକ୍ଷା କରିଥିଲେ । ଏହାର ଓପନ କୋର୍ଟ ଶୁଣାଣିରେ ଆବଶ୍ୟକ ନାହିଁ ବୋଲି ଖଣ୍ଡପୀଠ ରଖିଛନ୍ତି।



ଇଲା ପଣ୍ଡା

୨୬ ଅକ୍ଟୋବର ୧୯୩୨ – ୧୧ ଜାନୁଆରୀ ୨୦୨୫

ଅଭୁଲା ସ୍ମୃତି ସହ

ବୈଜୟନ୍ତ 'ଜୟ', ପାରମିତା, ନିବେଦିତା, ଶୁଭ୍ରକାନ୍ତ
ଜାଗି, ବ୍ରଜ, କେଜି, ଶୈଫାଳିକା,
ରାଇ, ରେଭା, ଅନୁଭା, ଆଦିତ୍ୟ, ରାଇସା ଇଲା, ରାଇମାନା
ଲିତିଶା, ଅନିରୁଦ୍ଧ, କାମେରନ
ଆତ୍ମୀୟ ସ୍ୱଜନ, ସଦସ୍ୟ ଏବଂ ସହଯୋଗୀ, ଇମ୍ଫା ଗ୍ରୁପ୍

imfa

ଫୋନ: +91 674 2611000 | ଇମେଲ: memoriam@imfa.in

ଭୁବନେଶ୍ୱର
୧୧ ଜାନୁଆରୀ
ଶନିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ପ୍ରବାସୀ ଭାରତୀୟ ଦିବସର ଉଦ୍‌ଯାପନୀ ସମାରୋହ ଝଲକ୍


















# କିମ୍ସରେ ପ୍ରଥମ ଅସ୍ଥି ମଜ୍ଜା ସଫଳ ପ୍ରତିରୋପଣ

## କର୍କଟ ଚିକିତ୍ସା କ୍ଷେତ୍ରରେ ନୂତନ ମାଇଲଖୁଣ୍ଟ

**ଭୁବନେଶ୍ୱର, ୧୦।୦୧**
**ନ୍ୟୁଜ୍‌ବ୍ୟୁରୋ**

କିମ୍ସରେ ପ୍ରଥର ଥର ଲାଗି ସଫଳ ଅସ୍ଥି ମଜ୍ଜା ପ୍ରତିରୋପଣ (ବିଏମ୍‌ଟି) କରି ଓଡ଼ିଶାର ଉନ୍ନତ କର୍କଟ ଚିକିତ୍ସାରେ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ନୟାଗଡ଼ ଜିଲ୍ଲାରୁ କିମ୍ସରେ ଚିକିତ୍ସା ପାଇଁ ଆସିଥିବା ଜଣେ ରୋଗୀଙ୍କଠାରେ ସଫଳତାର ସହ ଅସ୍ଥି ମଜ୍ଜା ପ୍ରତିରୋପଣ କରାଯାଇଛି। ରୋଗୀ ଜଣକ ଏକାଧିକ ପ୍ରକାରର ମାଇଲୋମା ଭଳି ଏକ ପ୍ରକାର ରକ୍ତ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିଲେ। ପ୍ରତିରୋପଣ ପରେ ରୋଗୀ ସଂପୂର୍ଣ୍ଣ ସୁସ୍ଥ ଅଛନ୍ତି। କିମ୍ସର ବିଶେଷଜ୍ଞ ଡା ବିଶ୍ୱଜିତ ଭୂୟାଁଙ୍କ ନେତୃତ୍ୱରେ ପେଡିଆଟ୍ରିକ ହେମାଟୋ-ଅଙ୍କୋଲୋଜିଷ୍ଟ ଅଟୋଲୋଗୋସ ଫୋନ ମାରୋ ଟ୍ରାନ୍ସପ୍ଲାଣ୍ଟେସନ ପ୍ରକ୍ରିୟାରେ ଏହି ପ୍ରତିରୋପଣ କରାଯାଇଥିଲା। ଏଥିରେ ରୋଗୀଙ୍କଠାରୁ ଷ୍ଟେମ୍ ସେଲ୍ ସଂଗ୍ରହ



କରାଯାଇ ସଂରକ୍ଷଣ କରାଯାଏ। ପରେ ଇନଟେନସିଭ କେମୋଥେରାପି କରାଯାଇ ଷ୍ଟେମ୍ ସେଲ୍‌କୁ ପ୍ରତିସ୍ଥାପନ କରାଯାଇଥାଏ। ରୋଗୀ ପ୍ରାୟ ୬ ମାସ ପୂର୍ବରୁ କିମ୍ସ ଆସି ଡା ଭୂୟାଁଙ୍କ ସହ ପରାମର୍ଶ କରିଥିଲେ। ଅସ୍ଥି ଯନ୍ତ୍ରଣା ଯୋଗୁଁ ଚଲବୁଲ କରିବାରେ ସେ ବହୁ କଷ୍ଟ ଭୋଗୁଥିଲେ। କିମ୍ସରେ ବିଭିନ୍ନ ପରୀକ୍ଷା ପରେ ତାଙ୍କଠାରେ ଏକାଧିକ ମାଇଲୋମା ଥିବା ଚିହ୍ନଟ ହୋଇଥିଲା। କେମୋଥେରାପି କରାଯାଇଥିଲେ ମଧ ଏହା ଏକ ନିର୍ଦ୍ଦିଷ୍ଟ ସମାଧାନ ନୁହେଁ ବୋଲି ଡା ଭୂୟାଁ କହିଛନ୍ତି। ଡା ଭୂୟାଁ ସୂଚନା ଦେଇ କହିଛନ୍ତି, ୬୦ ପ୍ରତିଶତରୁ ଅଧିକ ରୋଗୀଙ୍କ ପାଇଁ ଅସ୍ଥି ମଜ୍ଜା ପ୍ରତିରୋପଣ ପ୍ରାୟତଃ ସର୍ବୋତ୍ତମ ଚିକିତ୍ସା ସାବ୍ୟସ୍ତ ହେଲାଣି। ରୋଗୀଙ୍କ ଝିଅ କହିଛନ୍ତି ଯେ ଅସୁସ୍ଥତା ହେତୁ ତାଙ୍କ ପିତା ସଂପୂର୍ଣ୍ଣ ପକ୍ଷାଘାତ ହୋଇଯାଇଥିବାରୁ ପରିବାର ସମସ୍ତ ଆଶା ହରାଇଥିଲେ। ଏହି ସଫଳ ଅସ୍ଥି ମଜ୍ଜା ପ୍ରତିରୋପଣ ପରେ ରୋଗୀ ସଂପୂର୍ଣ୍ଣ ସାଧାରଣ ଜୀବନ ଯାପନ କରିପାରିବେ ବୋଲି ଡାକ୍ତର ସ୍ପଷ୍ଟ କରିଛନ୍ତି। ସଠିକ୍ ନିରାକରଣ ନହେବା ପର୍ଯ୍ୟନ୍ତ ରୋଗୀ ପ୍ରଥମେ ଆର୍ଥ୍ରାଇଟିସ ପାଇଁ ଚିକିତ୍ସିତ ହେଉଥିଲେ ବୋଲି କିମ୍ସର ଅନ୍ୟତମ ଡାକ୍ତର ପାଲାଶ ଦାସ ସୂଚନା ଦେବା ସହ କିମ୍ସ ଖୁବ୍ ଶୀଘ୍ର ଆଲୋଜେନିକ ଅସ୍ଥି ମଜ୍ଜା ପ୍ରତିରୋପଣ ଏବଂ ହାପ୍ଲୋଏଣ୍ଡେଟିକାଲ (ହାପ୍ଲୋ) ଟ୍ରାନ୍ସପ୍ଲାଣ୍ଟେସନ ପ୍ରବର୍ତ୍ତନ କରି ଏହାର ଅସ୍ଥି ମଜ୍ଜା ପ୍ରତିରୋପଣ ସେବାକୁ ବିସ୍ତାର କରିବାକୁ ଯୋଜନା କରିଛି ବୋଲି କହିଛନ୍ତି। ସଫଳ ଅସ୍ଥି ମଜ୍ଜା ପ୍ରତିରୋପଣ ପାଇଁ ଡାକ୍ତର ଏବଂ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଧନ୍ୟବାଦ ଜଣାଇବା ସହ ସଂପୃକ୍ତ ରୋଗୀଙ୍କ ସୁସ୍ଥ ଜୀବନ କାମନା କରିଛନ୍ତି।

# ଜାନୁଆରୀ ୧୩ରୁ ଖୋଲିବ ରାଜଭବନ ଉଦ୍ୟାନ : ମୋବାଇଲ୍ ଆପ୍ ପଞ୍ଜିକରଣ ପରେ ମିଳିବ ଏଣ୍ଟ୍ରି

**ଭୁବନେଶ୍ୱର, ୧୦।୦୧**
**ନ୍ୟୁଜ୍‌ବ୍ୟୁରୋ**

ରାଜଭବନ ଉଦ୍ୟାନ ଆସନ୍ତା ୧୩ ତାରିଖରୁ ଖୋଲା ରହିବ । ସର୍ବସାଧାରଣ ଜାନୁଆରୀ ୨୨ ତାରିଖ ପର୍ଯ୍ୟନ୍ତ ରାଜଭବନ ଉଦ୍ୟାନ ବୁଲି ଦେଖିପାରିବେ । କିନ୍ତୁ ଏଥର ନିୟମ ଟିକେ ଅଲଗା ହୋଇଛି । କାରଣ କେବଳ ମୋବାଇଲ୍ ଆପ୍ ପଞ୍ଜିକରଣ ମାଧ୍ୟମରେ ସର୍ବସାଧାରଣଙ୍କ ପ୍ରବେଶ ପାଇଁ ଅନୁମତି ଦିଆଯିବ । ରାଜଭବନ ଉଦ୍ୟାନ ପରିଦର୍ଶନ ପାଇଁ କୌଣସି ପ୍ରବେଶ ଶୁଳ୍କ ଦେବାକୁ ପଡ଼ିବ ନାହିଁ । ଏଥିନିମନ୍ତେ ପ୍ଲେ ଷ୍ଟୋର କିମ୍ବା ଆପ୍ସ ଷ୍ଟୋରରୁ ଉଦ୍ୟାନ ପରିଦର୍ଶନ, ରାଜଭବନ, ଓଡ଼ିଶାର ମୋବାଇଲ୍ ଆପ୍ ଡାଉନ୍‌ଲୋଡ଼ କରିବାକୁ ପଡ଼ିବ। ଓଡ଼ିଶାର ରାଜଭବନ ୱେବ୍‌ସାଇଟରେ ଉପଲବ୍ଧ ଥିବା କ୍ୟୁ-ଆର କୋଡ଼



ମାଧ୍ୟମରେ ମୋବାଇଲ୍ ଆପ୍ ମଧ୍ୟ ଡାଉନ୍‌ଲୋଡ କରାଯାଇପାରିବ । ସର୍ବସାଧାରଣଙ୍କ ପାଇଁ ରାଜଭବନ ଉଦ୍ୟାନ ବୁଲିବାର ସମୟ ଅପରାହ୍ଣ ୨ଟା ୩୦ମି ରୁ ୫ଟା ପର୍ଯ୍ୟନ୍ତ ରହିଛି। ସେହିପରି ସ୍କୁଲ୍ ଛାତ୍ରଛାତ୍ରୀଙ୍କ ଉଦ୍ୟାନ ପରିଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଛି । ଏଥିପାଇଁ ଏ.ଡ଼ି.ସି ଚିଫ୍ ସିକ୍ୟୁରିଟି ଅଫିସରଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ 'ଛାତ୍ରଛାତ୍ରୀଙ୍କ ଉଦ୍ୟାନ ପରିଦର୍ଶନ ନିମନ୍ତେ ଅନୁରୋଧ ପତ୍ର' ପଠାଇବା ଆବଶ୍ୟକ ବୋଲି ସୂଚନା ଦିଆଯାଇଛି। ସ୍କୁଲ ପିଲାମାନଙ୍କ ପାଇଁ ଉଦ୍ୟାନ ପରିଦର୍ଶନ ସମୟ ସକାଳ ଘ ୮.୩୦ମି. ରୁ ୧୦ ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି । ଏ ସଂପର୍କରେ ଅଧିକ ବିବରଣୀ ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ରାଜଭବନ ୱେବ୍‌ସାଇଟ୍ ପରିଦର୍ଶନ କରିପାରିବେ । ସ୍କୁଲ ଛାତ୍ରଛାତ୍ରୀମାନେ ସ୍କୁଲ ୟୁନିଫର୍ମ ଓ ପରିଚୟ କାର୍ଡ଼ ପରିଧାନ ପୂର୍ବକ ଶିକ୍ଷକ, ଶିକ୍ଷୟିତ୍ରୀ, ସ୍କୁଲ କର୍ମଚାରୀଙ୍କ ତତ୍ତ୍ୱାବଧାନରେ ଆସିବେ । ଉଦ୍ୟାନ ପରିଦର୍ଶନରେ ଆସିବାକୁ ଥିବା ପର୍ଯ୍ୟଟକ ପାଇଁ ନ୍ୟୁ ଅଭିଷେକ ହଲ୍ ନିକଟସ୍ଥ ୩ ନମ୍ବର ଗେଟ୍‌ରେ ପ୍ରବେଶ ଏବଂ ସିକ୍ୟୁରିଟି ବାରାକ ନିକଟସ୍ଥ ଗେଟ୍‌ରେ ପ୍ରସ୍ଥାନ ବ୍ୟବସ୍ଥା କରାଯାଇଛି।

# 'ବିକଶିତ ଭାରତ' ପ୍ରଦର୍ଶନୀକୁ ବୁଲି ଦେଖିଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୧୦।୦୧**
**ନ୍ୟୁଜ୍‌ବ୍ୟୁରୋ**

'ବିକଶିତ ଭାରତ' ପ୍ରଦର୍ଶନୀକୁ ବୁଲି ଦେଖିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ ଏକ୍ସ ହ୍ୟାଣ୍ଡେଲରେ କହିଛନ୍ତି ଯେ, 'ପ୍ରବାସୀ ଭାରତୀୟ ଦିବସ ସମ୍ମେଳନ' କାର୍ଯ୍ୟକ୍ରମରେ 'ବିକଶିତ ଭାରତ' ପ୍ରଦର୍ଶନୀକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ଡ. ହରିବାବୁ କମ୍ଭମପତିଙ୍କ ସହ ବୁଲି ଦେଖିଲି। ଦେଶର ଅନନ୍ୟ କଳା, ସଂସ୍କୃତି, ପରମ୍ପରା ଏବଂ ବିଜ୍ଞାନ ଉପରେ ଆଧାରିତ ଏହି ପ୍ରଦର୍ଶନୀ ବିଶ୍ୱ ମାନଚିତ୍ରରେ ଭାରତର ସାମର୍ଥ୍ୟକୁ ପ୍ରତିପାଦିତ କରୁଛି।

# ମୁକ୍ତେଶ୍ୱର ନୃତ୍ୟ ଉତ୍ସବ : ଦର୍ଶକଙ୍କ ମନ ମୋହିଲା ମୋହିନୀୟାଟ୍ଟମ୍



**ଭୁବନେଶ୍ୱର, ୧୦।୦୧**
**ନ୍ୟୁଜ୍‌ବ୍ୟୁରୋ**

ରାଜଧାନୀର ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେଉଛି ମୁକ୍ତେଶ୍ୱର ନୃତ୍ୟ ମହୋତ୍ସବ। ଘୁଙ୍ଗୁରର ତାଳେତାଳେ ପ୍ରକମ୍ପିତ ହୋଇ ଉଠୁଛି ମୁକ୍ତେଶ୍ୱର ମୁକ୍ତାକାଶ ରଙ୍ଗମଞ୍ଚ। ତୃତୀୟ ସନ୍ଧ୍ୟାରେ ସମସ୍ତ ଦର୍ଶକଙ୍କ ମନ ମୋହିଛି ଦିବ୍ୟା ୱାରୀର ଏବଂ ବିଦ୍ୟା ପ୍ରଦୀପଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ମୋହିନୀୟାଟ୍ଟମ୍ ଶାସ୍ତ୍ରୀୟ ନୃତ୍ୟ। ଏହି ସାଂସ୍କୃତିକ ସନ୍ଧ୍ୟାରେ ନୃତ୍ୟଶିଳ୍ପୀ ସସ୍ମିତା ପଣ୍ଡା ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏଥିସହିତ ସ୍ୱୟଂପ୍ରଜ୍ଞା ସାହୁ ଏବଂ ଗ୍ରୁପଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଗୁରୁ ସୁରେନ୍ଦ୍ର କୁମାର ତ୍ରିପାଠୀ ଏବଂ ଗ୍ରୁପ୍ ଶ୍ରୀ ଶିବବନ୍ଦନାର ପରିବେଷଣ ମାଧ୍ୟମରେ ମହାଦେବଙ୍କର ଆରାଧନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଭାଷାତତ୍ତ୍ୱବିତ୍ ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ, ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତ୍ରୀ ତଥା ଶିକ୍ଷାବିତ୍ ମାଳାବିକା ରାୟ, ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ଦୁର୍ଗାଚରଣ ରଣବୀର, ସଙ୍ଗୀତ ନାଟକ ଏକାଡ଼େମୀର ସଚିବ ଡ. ଭାଗ୍ୟଲିପି ମଲ୍ଲ ଓ ବିଶିଷ୍ଟ ସାହିତ୍ୟିକ ଡ. ମିହିର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସାତକୋଶିଆରେ ସରିଲା କୁମ୍ଭୀର ଗଣନା : ଅଛନ୍ତି ୧୯ ମଗର ଓ ୧୧ ଘଡ଼ିଆଳ

**ବୌଦ୍ଧ, ୧୦।୦୧:ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ବନଖଣ୍ଡ କୁସଙ୍ଗ ରେଞ୍ଜ ଅନ୍ତର୍ଗତ ମହାନଦୀ ସାତକୋଶିଆ ଗଣ୍ଡରେ ସରିଲା କୁମ୍ଭୀର ଗଣନା। ତିନି ଦିନ ଧରି ଚାଲିଥିବା କୁମ୍ଭୀର ଗଣନା ସରିଛି । ସମୁଦାୟ ୧୯ ଟି କୁମ୍ଭୀର ଥିବା ବେଳେ ୧୧ ଟି ଘଡିଆଳ ଓ ୮ ଟି ମଗର ପ୍ରଜାତିର କୁମ୍ଭୀର ଥିବା ସୂଚନା ମିଳିଛି। ୧୧ ଟି ଘଡିଆଳ ମଧ୍ୟରୁ ୩ ଟି ବଡ ଓ ୮ ଟି ଛୁଆ ଘଡିଆଳ ଥିବା ଜଣାପଡ଼ିଛି । ସେହିପରି ୮ ଟି ମଗର ପ୍ରଜାତିର କୁମ୍ଭୀର ମଧ୍ୟରୁ ୫ ଟି ବଡ ମଗର ଓ ୩ ଟି ଛୁଆ ମଗର ରହିଛନ୍ତି । ସୂଚନା ଅନୁଯାୟୀ, ମହାନଦୀ ବନ୍ୟପ୍ରାଣୀ ବନାଞ୍ଚଳ ବୌଦ୍ଧ ଜିଲ୍ଲା ସାତକୋଶିଆ ଗଣ୍ଡରେ କୁସଙ୍ଗ ରେଞ୍ଜ ପକ୍ଷରୁ ରେଞ୍ଜ ଅଧିକାରୀ ସଂସାର ବର୍ଗିଆଙ୍କ ନେତୃତ୍ୱରେ ଚଳିତ ବର୍ଷର କୁମ୍ଭୀର ଗଣନା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ୩ ଦିନ ଧରି ଚାଲିଥିବା କୁମ୍ଭୀର ଗଣନା ଆଜି ସରିଥିବା ନେଇ ରେଞ୍ଜ ଅଧିକାରୀ ସୂଚନା ଦେଇଛନ୍ତି । ମହାନଦୀର ଏହି ଗଣ୍ଡରେ ୨୦୨୪ ମସିହାରେ ୩୫ ଗୋଟି କୁମ୍ଭୀର ଅଣ୍ଡାରୁ ସୁସ୍ଥ ଶାବକ ଜନ୍ମ ନେଇଥିଲେ । ବର୍ଷା ଋତୁ ପୂର୍ବରୁ କୁମ୍ଭୀର ଶାବକ ଅଣ୍ଡାରୁ ଜନ୍ମ ନେଇଥିବାରୁ ନଦୀ ବନ୍ୟାରେ କିଛି ଶାବକ ପ୍ରତି ବର୍ଷ ଅନ୍ୟତ୍ର ଚାଲି ଯାଇଥାନ୍ତି । ପରି ଶେଷରେ ପ୍ରତି ବର୍ଷ ଅବଶିଷ୍ଟାଂଶ କୁମ୍ଭୀରଙ୍କ ବଂଶ ରକ୍ଷା ନେଇ କୁମ୍ଭୀର ଗଣନା କାର୍ଯ୍ୟକ୍ରମ ହେଉଛି। ଚଳିତ ବର୍ଷ ରେଞ୍ଜ ଅନ୍ତର୍ଗତ ମାରଡ଼ା ଠାରୁ ଶୀତଳପାଣି, ଶୀତଳପାଣି ଠାରୁ ହରଭଙ୍ଗା ଏବଂ ହରଭଙ୍ଗା ଠାରୁ ଅଏଡା ପର୍ଯ୍ୟନ୍ତ ତିନି ଭାଗରେ ତିନୋଟି ଟିମକୁ ଭାଗ କରାଯାଇ ମାଛ ମରା ଡଙ୍ଗାରେ ନଦୀ ଭିତରେ ଉନ୍ନତ ମାନର କ୍ୟାମେରା, ବାଇନା କୁଲର ଯନ୍ତ୍ର ସାହାଯ୍ୟରେ କୁମ୍ଭୀର ଗଣନା କରାଯାଇଛି । ଏହି ତିନି ଗୋଟି ଟିମରେ ୩ ଜଣ ଫରେଷ୍ଟର, ୩ ଜଣ ଫରେଷ୍ଟ ଗାର୍ଡ ଓ ୬ ଜଣ ସ୍କ୍ୱାର୍ଡ କର୍ମଚାରୀ ସାମିଲଥିଲେ। ତେବେ ଏହି କୁମ୍ଭୀର ଗଣନା କାର୍ଯ୍ୟକ୍ରମ ତିନିଦିନ ଧରି ଚାଲିଥିବା ବେଳେ ଉକ୍ତ ରେଞ୍ଜ ଅଧୀନରେ ସମୁଦାୟ ୧୯ ଗୋଟି କୁମ୍ଭୀର ଗଣନା କରାଯାଇଛି । ଘଡ଼ିଆଳ ପ୍ରଜାତିର ବଡ଼ ୩ ଗୋଟି, ଛୁଆ ୮ ଗୋଟି ଏବଂ ମଗର ପ୍ରଜାତିର ବଡ଼ ୫ ଗୋଟି ଓ ଛୁଆ ୩ ଗୋଟି ଗଣତି କରାଯାଇଥିବାର ରେଞ୍ଜ ଅଧିକାରୀ ସଂସାର ବର୍ଗିଆ ସୂଚନା ଦେଇଛନ୍ତି ।

# ମହାନଦୀ ପଠାରେ ହୋଇପାରିବନି ପିକ୍‌ନିକ୍

**କଟକ, ୧୦।୦୧**
**ନ୍ୟୁଜ୍‌ବ୍ୟୁରୋ**


ମହାନଦୀ ପଠାରେ ହୋଇପାରିବ ନାହିଁ ପିକ୍‌ନିକ୍। ଏପରିକି କୌଣସି ପ୍ରକାରର ଇଭେଣ୍ଟ ଆୟୋଜନ ଉପରେ ମଧ ଲାଗିଲା କଟକଣା। ନଦୀ ପ୍ରଦୂଷଣ ରୋକିବା ଲାଗି ସିଏମସି କର୍ତ୍ତୃପକ୍ଷ ଏଭଳି ନିଷ୍ପତ୍ତି ନେଇଛନ୍ତି। ଏନେଇ ସିଏମସି ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି କରାଯାଇଛି। ବିଜ୍ଞପ୍ତି ମୁତାବକ ସିଲଭର ସିଟି ବୋଟ୍ କ୍ଲବ୍ ଠାରୁ କଟକ ଇନ୍ କଟକ ଏବଂ ତଳ ବାଲିଯାତ୍ରା ପଡିଆ ଠାରୁ ଚହଟା ଘାଟ ଯାଏଁ ମହାନଦୀ ପଠାରେ କୌଣସି ଭୋଜି ଭାତ ଆୟୋଜନ ନକରିବାକୁ ସିଏମସି ପ୍ରଶାସନ ନିର୍ଦ୍ଦେଶନାମା ଜାରି କରିଛନ୍ତି । ବାସ୍ତବରେ ନଦୀ ପ୍ରଦୂଷଣ



ନେଇ ଗୁରୁବାର ହାଇକୋର୍ଟରେ ଶୁଣାଣି ହୋଇଛି । କଟକ ସହର ସମସ୍ୟା ସମ୍ବନ୍ଧୀୟ ଜନସ୍ୱାର୍ଥ ମାମଲାର ଶୁଣାଣି ସମୟରେ ଏ ପ୍ରସଙ୍ଗ ଉଠିଛି। ତେବେ ଅଦାଲତି ଛାଟ ବାଜିବା ଆଗରୁ ସିଏମସି ପ୍ରଶାସନ ଏଭଳି ନିର୍ଦ୍ଦେଶନାମା ଜାରି କରିଛନ୍ତି । ଏହା କିପରି କାର୍ଯ୍ୟକାରୀ ହୋଇ ପାରିବ, ତା'ଉପରେ ସିଏମସି କର୍ତ୍ତୃପକ୍ଷ କୌଣସି ପ୍ରତିକ୍ରିୟା ରଖିନାହାନ୍ତି ।

**ବଜାରରେ ଉପଲବ୍ଧ...**

**ମାସିକ ଗଳ୍ପ ପତ୍ରିକା 'କଥାକଳିକା'ର ନୂଆବର୍ଷ ସଂଖ୍ୟା-୨୦୨୫**



**ଏଥର ସଂଖ୍ୟାରେ...**

**ସ୍ମରଣୀୟ କଥା :** ସଚ୍ଚିଦାନନ୍ଦ କର
**ସମକାଳର କଥା :** ସୁଷମା ପରିଜା, ବୀରେଶ୍ୱର ମହାନ୍ତି, ରଞ୍ଜନ ପ୍ରଧାନ, ପ୍ରଣିତାରାଣୀ ବେହେରା।
**ଅନ୍ୟ ଭାଷାର କଥା :** ଅନୁରୂପା ସିଂହ
**ଯୁବ ମାନସର କଥା :** ରଜତରଶ୍ମୀ ସ୍ୱାଇଁ, ଲିପ୍‌ସା ପଟେଲ, ସୁସ୍ମିତା ମିଶ୍ର, ଲଳିତ କୁମାର ସ୍ୱାଇଁ, ମୋନାଲିସା ମିଶ୍ର।
**କଥାସାଗର :** ଅଶୋକ ବିଶ୍ୱାଳ

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)